

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୮ ଅଗଷ୍ଟ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 08August 2024
Vol.No. 35 ■ No.213 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଭାଙ୍ଗିଗଲା ସୁନା ସ୍ୱପ୍ନ

## ସବୁ ବିକଳ୍ପ ଆପଣାଇବାକୁ ଭାରତୀୟ ଅଲିମ୍ପିକ୍ସ ସଂଘକୁ ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ




ନୂଆଦିଲ୍ଲୀ, ୭/୮ : ପ୍ୟାରିସ ଅଲିମ୍ପିକ୍ସରେ ଭାରତକୁ ମିଳିଛି ବଡ଼ ଝଟକା । ହାତ ପାହାଁତକୁ ଆସି ମଧ ଭାଙ୍ଗି ଯାଇଛି ମେଡାଲ ଜିତିବାର ସ୍ୱପ୍ନ । ଏଥିସହ ୧୪୦ କୋଟି ଭାରତୀୟଙ୍କ ହୃଦୟ ମଧ ଭାଙ୍ଗିଛି । ଯେଉଁ ପ୍ରତିଯୋଗୀଙ୍କଠାରୁ ସ୍ୱର୍ଣ୍ଣ ଆଶା ରଖିଥିଲା ଭାରତ ତାହା ଆଜି ଚୁରମାର ହୋଇଯାଇଛି । ୫୦ କିଲୋଗ୍ରାମ ଫ୍ରିଷ୍ଟାଇଲ୍ କୁସ୍ତିରେ ହ୍ୟାଟ୍ରିକ୍ ବିଜୟ ହାସଲ କରି ଭିନେଶ ଫାଇନାଲ୍‌ରେ ସ୍ଥାନ ସୁରକ୍ଷିତ କରିବା ପରେ ଭାରତ ପାଇଁ ଏକ ଗର୍ବର ବିଷୟ ପାଲଟିଥିଲା । ମାତ୍ର ସେହି ଗୌଭାଗ୍ୟ ଭାରତକୁ ମିଳୁ ମିଳୁ ଅଧାରୁ ରହିଗଲା । ସେମି ଫାଇନାଲରେ ଜାପାନର ୟୁଇ ସୁସାକିଙ୍କୁ ପରାସ୍ତ କରି ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଥିଲେ ବିନେଶ । ଟୋକିଓ ଅଲିମ୍ପିକ୍ସ ବିଜୟିନୀ ତଥା ଚାରି ଥର ବିଶ୍ୱ ଚାମ୍ପିଅନ ଥିବା ସୁସାକିଙ୍କୁ ପରାସ୍ତ କରିବା ସହ ଇତହାସ ରଚିଥିଲେ ବିନେଶ । ଆଜି ହୋଇଥାନ୍ତା ଫାଇନାଲ ଫାଇଟ୍ । କିନ୍ତୁ ଏହା ପୂର୍ବରୁ ଗୋଟିଏ ନିୟମ ଏହି ସ୍ୱପ୍ନକୁ ଧୂଳିସାତ କରିଦେଇଛି । ମ୍ୟାଚ୍ ପୂର୍ବରୁ ହିଁ ଅଲିମ୍ପିକ୍ସରୁ ବାଦ ପଡ଼ିଛନ୍ତି ଭାରତୀୟ ମହିଳା କୁସ୍ତି ଯୋଦ୍ଧା ବିନେଶ ଫୋଗାଟ୍ । ୫୦ କିଲୋଗ୍ରାମ ବର୍ଗରେ ମାତ୍ର ୧୫୦ ଅଧିକ ଓଜନ ପାଇଁ ତାଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଛି । ଏବେ ରୌପ୍ୟ ପଦକ ପାଇବାକୁ ମଧ ଯୋଗ୍ୟ ନୁହଁନ୍ତି ବିନେଶ । ପ୍ୟାରିସ୍ ଅଲିମ୍ପିକ୍ସରେ ଭିନେଶ ଫୋଗଟ୍ ଆଉ କୌଣସି ପଦକ ଜିତିବେ ନାହିଁ । ମଙ୍ଗଳବାର ରାତିରେ ଭିନେଶ ଫୋଗଟଙ୍କ ଓଜନ ୫୦ କିଲୋ ଥିବା ବେଳେ ବୁଧବାର ମାତ୍ର ୧୫୦ ଗ୍ରାମ୍ ବଢ଼ିଯିବାରୁ ତାଙ୍କୁ ଖେଳରୁ ବିଦାୟ ନେବାକୁ ପଡ଼ିଛି । ଏହି ନିଷ୍ପତ୍ତି ପ୍ରତି ଭାରତୀୟଙ୍କ ହୃଦୟ ସହ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ବିଜୟର ସ୍ୱପ୍ନକୁ ମଧ ଚୁରମାର କରିଦେଇଛି । ଫାଇନାଲ ମ୍ୟାଚର ମାତ୍ର କିଛି ଘଣ୍ଟା ପୂର୍ବରୁ ଅଯୋଗ୍ୟ ଘୋଷିତ ହୋଇଛନ୍ତି ଭାରତର ମହିଳା କୁସ୍ତି ଯୋଦ୍ଧା ବିନେଶ ଫୋଗାଟ । ଭିନେଶ ଅଯୋଗ୍ୟ ଘୋଷିତ ହେବା ସହିତ ଭାରତକୁ ଲାଗିଛି ବଡ ଝଟକା ଲାଗିଛି । ତେବେ ଏହି ନିଷ୍ପତ୍ତି ପଛରେ ଷଡ଼ଯନ୍ତ୍ର ଥିବା ନେଇ ସନ୍ଦେହ ବଢ଼ିଛି । ବିନେଶ ଓଜନ କମାଇବା ପାଇଁ କିଛି ସମୟ ମାଗିଥିଲେ ମଧ ଏହାକୁ ପ୍ରତ୍ୟାକ୍ଷାନ କରିଥିଲା ଇଣ୍ଟର ନ୍ୟାସନାଲ ଅଲିମ୍ପିକ୍ସ କମିଟି । କମିଟିର ଏହି ନିଷ୍ପତ୍ତିକୁ ବିରୋଧ କରିଛି ଭାରତ । ଭାରତୀୟ ଅଲିମ୍ପିକ ସଂଘ ପକ୍ଷରୁ ସବୁ ସମ୍ଭବ ପ୍ରୟାସ କରାଯାଉଥିବା କହିଛନ୍ତି ଅଲିମ୍ପିଆନ ପିଟି ଉଷା । ଲୋକସଭାରେ ମଧ ଏହି ପ୍ରସଙ୍ଗ ଉଠାଇଛନ୍ତି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ । ସେପଟେ ବିନେଶଙ୍କ ସହ କଥା ହୋଇଛନ୍ତି ପ୍ରଧାନମନ୍ତ୍ରୀ । ବିନେଶଙ୍କୁ ସମର୍ଥନ କରିବା ସହ ସେ ଚାମ୍ପିଅନ୍ସଙ୍କ ମଧ୍ୟରେ ଚାମ୍ପିଅନ ବୋଲି ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଏହି ଘଟଣା ପରେ ଏବେ ବିନେଶଙ୍କୁ ସମର୍ଥନ କରିଛନ୍ତି ପ୍ରତି ଭାରତୀୟ । ବିନେଶ ଫୋଗାଟ ଅଯୋଗ୍ୟ ଘୋଷଣା ହେବା ପରେ ଏବେ ଅଲିମ୍ପିକ୍ସର ନିୟମକୁ ▶▶ପୃଷ୍ଠା ୭

## ଆସୁଛି ଆଉ ଏକ ଲଘୁଚାପ !



ଭୁବନେଶ୍ୱର, ୭/୮ (ନି.ପ୍ର): ଗାଙ୍ଗେୟ ପଶ୍ଚିମବଙ୍ଗ ଓ ସଂଲଗ୍ନ ବାଂଲାଦେଶ ଉପରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଏବେ ଗାଙ୍ଗେୟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ଉତ୍ତର ଓଡ଼ିଶା ଉପରେ ସମାନ୍ତରାଳ ଭାବେ ରହିଛି । ଏହାର ପ୍ରଭାବରେ ଆଗାମୀ ୨୪ ଘଣ୍ଟାରେ ଉକ୍ତ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହା ସହିତ ଦିଘା ଦେଇ ଅତିକ୍ରମ କରୁଥିବା ମନ୍‌ସୁନ୍ ଟ୍ରଫ୍ ପ୍ରଭାବରେ ରାଜ୍ୟରେ ବର୍ଷା ହେବାର ସମ୍ଭାବନା ରହିଛି । ପାଣିପାଗ ବିଭାଗ ପକ୍ଷରୁ ଜାରି କରାଯାଇଥିବା ବୁଲେଟିନ ଅନୁଯାୟୀ, ଆସନ୍ତାକାଲି ସକାଳ ୮ଟା ପର୍ଯ୍ୟନ୍ତ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, କୋରାପୁଟ ଓ ନବରଙ୍ଗପୁରର ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ (୭ରୁ ୨୦ ସିଏମ୍) ବର୍ଷା ହୋଇପାରେ । ସେଥିପାଇଁ ଏହି ସବୁ ଜିଲ୍ଲାଗୁଡ଼ିକୁ ଅରେଞ୍ଜ ▶▶ପୃଷ୍ଠା ୭

## ୱାୟନାଡ ଭୂସ୍ଖଳନ ମୃତ୍ୟୁର ଲାଗୁନି ବ୍ରେକ : ଜାତୀୟ ବିପର୍ଯ୍ୟୟ ଘୋଷଣା କରିବାକୁ ସଂସଦରେ ରାହୁଲ ଗାନ୍ଧୀଙ୍କ ଦାବି



ନୂଆଦିଲ୍ଲୀ, ୭/୮ : ସଂସଦରେ ଉଠିଲା ୱାୟନାଡ ଭୁସ୍ଖଳନ ଘଟଣା । ବୁଧବାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଦୁର୍ଘଟଣା ପ୍ରସଙ୍ଗ ଉଠାଇ କେନ୍ଦ୍ର ସରକାରଙ୍କୁ ଏକ ଅପିଲ କରିଛନ୍ତି । ଅନୁକମ୍ପା ସାହାର୍ଯ୍ୟ ରାଶି ବୃଦ୍ଧି ସହ ଜାତୀୟ ବିପତି ଘୋଷଣା କରିବାକୁ ଅନୁରୋଧ କରିଛନ୍ତ ରାହୁଲ । ପୀଡିତଙ୍କୁ ସାହାଯ୍ୟ ଓ ସହଯୋଗ ପାଇଁ ସମସ୍ତେ ଏକାଠି ଆଗକୁ ଆସିବାକୁ ସେ ଅପିଲ କରିଛନ୍ତି । ଏଥିସହ କେନ୍ଦ୍ର ସରକାର, ଜିଲ୍ଲା ପ୍ରଶାସନ, ଉଦ୍ଧାରକାରୀଦଳଙ୍କ ପ୍ରଶଂସା କରିଥିଲେ ରାହୁଲ ।

## ଭୁବନେଶ୍ୱରରେ ବାର୍ ମାଲିକ ଓ ଏଜେଣ୍ଟ ଗିରଫ

ଭୁବନେଶ୍ୱର, ୭/୮ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ବାର ଗାର୍ଲଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ଗିରଫ ହୋଇଛନ୍ତି ବାର ମାଲିକ ଶିବ ପ୍ରସାଦ ମଲ୍ଲିକ । ତାଙ୍କ ସହିତ ଜଣେ ଏଜେଣ୍ଟଙ୍କୁ ମଧ ଗିରଫ କରିଛି ପୁଲିସ । ତାଙ୍କ ନାଁ ଜ୍ୟୋତି ପ୍ରକାଶ ନାୟକ । ଟଙ୍କା ନ ଦେଇ ୬ ବାର୍ ଗାର୍ଲଙ୍କୁ ଅଟକ ରଖିଥିଲେ ଶିବ ପ୍ରସାଦ ମଲ୍ଲିକ । ▶▶ପୃଷ୍ଠା ୭

## ସିବିଆଇ ଖୋଲିବ ପୁରୁଣା ଫାଇଲ: ହିଣ୍ଡାଲକୋ ନାଁରେ ମାମଲା




ଭୁବନେଶ୍ୱର, ୭/୮ (ନି.ପ୍ର): ହିଣ୍ଡାଲକୋ ଖଣି ଅନିୟମିତତା ମାମଲାରେ ସକ୍ରିୟ ସିବିଆଇ । ଝାରସୁଗୁଡା ତାଲବିରାରେ ହିଣ୍ଡାଲକୋ ଅନୁମତି ପାଇଥିବା ପରିମାଣଠୁ ଅଧିକ ଖଣି ଉତ୍ତୋଳନ କରିଥିବା ଅଭିଯୋଗ ରହିଥିଲା । ଆଉ ଏବେ ଦୀର୍ଘ ୮ ବର୍ଷ ପରେ ସିବିଆଇ ମାମଲା ଦାୟର କରିଛି । ବଡ଼ କଥା ହେଉଛି ଯେଉଁ ସମୟରେ ଅନିୟମିତତା ହୋଇଛି ସେହି ସମୟରେ ▶▶ପୃଷ୍ଠା ୭

## କର୍ମଚାରୀଙ୍କ ଗୁପ୍ତ ଚରିତ୍ର ପଞ୍ଜିକାରେ ରହିବନି '୫ଟି ଚାର୍ଟର' ଓ 'ମୋ ସରକାର'




ଭୁବନେଶ୍ୱର, ୭/୮ (ନି.ପ୍ର): ରାଜ୍ୟର ସମସ୍ତ ବର୍ଗର କର୍ମଚାରୀଙ୍କ ଗୁପ୍ତ ଚରିତ୍ର ପଞ୍ଜିକାରୁ '୫ଟି ଚାର୍ଟର' ଓ 'ମୋ ସରକାର'କୁ ହଟାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ସରକାର । ଏବେ ଏହାର କୌଣସି ଆବଶ୍ୟକତା ନଥିବା ଦର୍ଶାଇ ହଟାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ସରକାର । ଏନେଇ ଆଜି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସମସ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ, ସମସ୍ତ ବିଭାଗଗୀୟ ମୁଖ୍ୟ ଦଫ୍‌ତର, ସମସ୍ତ ରାଜସ୍ୱ ଡିଭିଜନାଲ ଆୟୁକ୍ତ ଓ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି କରାଯାଇଛି । ଏହି ଚିଠିରେ ▶▶ପୃଷ୍ଠା ୭

## ଅନିୟମିତତା ଅଭିଯୋଗରେ ସବ୍‌ରେଜିଷ୍ଟ୍ରାର ନିଲମ୍ବିତ

ଭୁବନେଶ୍ୱର, ୭/୮ (ନି.ପ୍ର): ଜମି ବିକ୍ରିରେ ବେଆଇନ୍ କାରବାର ନେଇ ଜଗତପୁରରେ କାର୍ଯ୍ୟରତ ସବ୍ ରେଜିଷ୍ଟ୍ରାର ଆର୍ଯ୍ୟଦୀପ୍ତ ଅରଣ୍ୟକ ସାମନ୍ତରାୟ ନିଲମ୍ବିତ ହୋଇଛନ୍ତି । ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ତାଙ୍କ ବିରୋଧରେ ଏହି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ନିଲମ୍ବନ ନ ହଟିବା ପର୍ଯ୍ୟନ୍ତ ଶ୍ରୀ ସାମନ୍ତରାୟ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରହିବେ । ଏହା ସହ ବିନା ଅନୁମତିରେ କୌଣସି ପ୍ରକାର ଛୁଟି ନେଇପାରିବେ ନାହିଁ ବୋଲି ନିଲମ୍ବନ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି । ସେହିପରି ସବ୍ ରେଜିଷ୍ଟ୍ରାର ଦାୟିତ୍ୱରେ ଥିବା ପିପିଲିର ଅତିରିକ୍ତ ତହସିଲଦାର ନବକିଶୋର ପାତ୍ର ଜମିଜମା ରେଜିଷ୍ଟ୍ରେସନ୍ ରେ ଅନିୟମିତତା ଅଭିଯୋଗରେ କାର୍ଯ୍ୟରୁ ନିଲମ୍ବିତ ହୋଇଛନ୍ତି । ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ତାଙ୍କ ବିରୋଧରେ ଏହି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ନିଲମ୍ବନ ନ ହଟିବା ପର୍ଯ୍ୟନ୍ତ ଶ୍ରୀ ପାତ୍ର ପୁରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରହିବେ । ଏହା ସହ ବିନା ଅନୁମତିରେ କୌଣସି ପ୍ରକାର ଛୁଟି ନେଇପାରିବେ ନାହିଁ ବୋଲି ନିଲମ୍ବନ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି ।

## ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଉପରେ ତୀକ୍ଷଣ ନଜର

ଭୁବନେଶ୍ୱର, ୭/୮ (ନି.ପ୍ର): ବାଂଲାଦେଶୀ ଅନୁପ୍ରବେଶ କାରୀଙ୍କ ଉପରେ ତୀକ୍ଷଣ ନଜର ରଖାଯାଇଛି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବାଙ୍ଗଲାଦେଶୀଙ୍କ ଅନୁପ୍ରବେଶକୁ ନେଇ ସଚେତନ ଥିବା କଥା ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି । ଦେଶରେ ଯେତେ ପ୍ରବେଶ ପଥ ରହିଛି ଯେଉଁ ସ୍ଥାନରେ କେହି ଅନୁପ୍ରବେଶ କରିବା ସମ୍ଭାବନା ରହିଛି ସେସବୁ ପ୍ରବେଶ ପଥ ଉପରେ ତୀକ୍ଷଣ ନଜର ରଖାଯାଇଛି ବୋଲି କହିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ।

## ଓଡ଼ିଶା ସମେତ ୯ ରାଜ୍ୟର ୧୨ ରାଜ୍ୟସଭା ଆସନ ପାଇଁ ୩ରେ ଭୋଟ




ନୂଆଦିଲ୍ଲୀ, ୭/୮ : ବିଭିନ୍ନ ରାଜ୍ୟରେ ଖାଲି ପଡ଼ିଥିବା ୧୨ଟି ରାଜ୍ୟସଭା ଆସନ ପାଇଁ ଆସନ୍ତା ୩ ତାରିଖରେ ଉପ ନିର୍ବାଚନ ଅନୁଷ୍ଠିତ ହେବ । ଏହି ୧୨ଟି ଆସନ ମଧ୍ୟରେ ଓଡ଼ିଶାର ଗୋଟିଏ ରାଜ୍ୟସଭା ଆସନ ରହିଛି । ବିଜେଡି ପକ୍ଷରୁ ରାଜ୍ୟସଭାକୁ ଯାଇଥିବା ମମତା ମହାନ୍ତ ସାଂସଦ ପଦରୁ ଇସ୍ତଫା ଦେବା ପରେ ଓଡ଼ିଶାର ଗୋଟିଏ ଆସନ ଖାଲି ପଡ଼ିଥିଲା । ଏବେ ଉକ୍ତ ଆସନ ପାଇଁ ନିର୍ବାଚନ ହେବ । ଉପ ନିର୍ବାଚନ ପାଇଁ ଅଗଷ୍ଟ ୧୪ରେ ବିଜ୍ଞପ୍ତି ପ୍ରକାଶ ପାଇବ । ଅଗଷ୍ଟ ୨୧ ହେଉଛି ନାମାଙ୍କନ ଦାଖଲର ଶେଷ ତାରିଖ । ଅଗଷ୍ଟ ୨୬ ଓ ୨୭କୁ ନାମାଙ୍କନ ପ୍ରତ୍ୟାହାର ପାଇଁ ରଖାଯାଇଛି । ଏହାପରେ ଆବଶ୍ୟକ ପଡ଼ିଲେ ସେପ୍ଟେମ୍ବର ୩ରେ ହେବ ଭୋଟ ଗ୍ରହଣ ହେବ ବୋଲି ଭାରତୀୟ ନିର୍ବାଚନ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ କୁହାଯାଇଛି । ରାଜ୍ୟସଭାକୁ ଯାଇଥିବା ୧୨ ଜଣ ସଦସ୍ୟଙ୍କ ମଧ୍ୟରୁ ୧୦ ଜଣ ନିକଟରେ ଅନୁଷ୍ଠିତ ଲୋକସଭା ନିର୍ବାଚନରେ ପ୍ରାର୍ଥୀ ହୋଇ ବିଜୟୀ ହୋଇଛନ୍ତି । ସେମାନେ ଲୋକସଭାକୁ ଯାଇଥିବାରୁ ଏବେ ଉକ୍ତ ରାଜ୍ୟସଭା ଆସନ ଗୁଡ଼ିକ ପାଇଁ ଉପ ନିର୍ବାଚନ ହେବାକୁ ଯାଉଛି । ଏମାନଙ୍କ ମଧ୍ୟରେ ପୀୟୂଷ ଗୋଏଲ, ସର୍ବାନନ୍ଦ ସୋନଓ୍ୱାଲ ଓ ଜ୍ୟୋତିରାଦିତ୍ୟ ସିନ୍ଦିଆ ପ୍ରମୁଖ ରହିଛନ୍ତି । ସେହିପରି ସାଂସଦ ପଦରୁ ୨ ଜଣ ଇସ୍ତଫା ଦେବାରୁ ଉକ୍ତ ଆସନରେ ମଧ ଉପ ନିର୍ବାଚନ ହେବ । ଆସାମର ୨ଟି, ବିହାରର ୨ଟି, ମହାରାଷ୍ଟ୍ରର ୨ଟି, ହରିଆଣା, ମଧ୍ୟପ୍ରଦେଶ, ରାଜସ୍ଥାନ, ତ୍ରିପୁରା, ଓଡ଼ିଶା ଓ ତେଲଙ୍ଗାନାର ଗୋଟିଏ ଲେଖାଏ ରାଜ୍ୟସଭା ଆସନ ପାଇଁ ଉପ ନିର୍ବାଚନ ହେବ ।

## ଜିମ୍‌ରୁ ଫେରୁଥିଲେ ଯୁବକ: ଗୁଳିମାଡ଼ କଲେ ଦୁର୍ବୃତ୍ତ


ବାଲେଶ୍ୱର, ୭/୮ (ନି.ପ୍ର): ଜିମ୍‌ରୁ ଫେରିବା ବେଳେ ଜଣେ ଯୁବକଙ୍କୁ ଗୁଳିମାଡ଼ ହୋଇଥିବା ଅଭିଯୋଗ ହୋଇଛି । ଏପରି ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ବାଲିଆପାଳ ନିକଟରେ । ଯୁବକଙ୍କୁ ଗୁରୁତର ଅବସ୍ଥାରେ ବାଲେଶ୍ୱର ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଉକ୍ତ ଯୁବକ ଜଣଙ୍କ ହେଲେ ମନୋରଞ୍ଜନ ବିନ୍ଧାଣି । ଆଜି ସକାଳେ ମନୋରଞ୍ଜନ ଜିମ୍‌ରୁ ନିଜ ଘରକୁ ଫେରୁଥିଲେ । ବାଲିଆପାଳ ନିକଟରେ ୪ ଜଣ ଦୁର୍ବୃତ୍ତ ବୁଲେଟ୍‌ରେ ଆସି ତାଙ୍କୁ ଅଟକାଇ ଥିଲେ । ପରେ ତାଙ୍କ ଉପରକୁ ଗୁଳି ଚଲାଇ ଥିଲେ । ମନୋରଞ୍ଜନ ଜୀବନ ବିକଳରେ ଦୌଡ଼ି ଯାଇ ସ୍ଥାନୀୟ ରେମୁଣା ବିଧାୟକଙ୍କ ଘରେ ପଶି ଯାଇଥିଲେ । ତାଙ୍କ ମୁହଁକୁ ଗୁଳି ଛୁଇଁ ଚାଲିଯାଇଥିଲା । ମନୋରଞ୍ଜନଙ୍କ ମୁହଁରେ ସାମାନ୍ୟ ଆଘାତ ଲାଗିଥିଲା । ତାଙ୍କୁ ବାଲେଶ୍ୱର ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଚିକିତ୍ସାପରେ ମନୋରଞ୍ଜନ ସୁସ୍ଥ ଥିବା ଜଣାପଡ଼ିଛି । ତେବେ ଯୁବକଙ୍କୁ ଦୁର୍ବୃତ୍ତମାନେ କାହିଁକି ଗୁଳିମାଡ କଲେ, ଏହାପଛରେ କ'ଣ କାରଣ ରହିଛି ତାହା ଜଣାପଡ଼ି ନାହିଁ । ତେବେ ଗୁଳିକାଣ୍ଡ ଦୁଇ ଗୋଷ୍ଠୀ ମଧ୍ୟରେ ପୂର୍ବ ବିବାଦରୁ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି । ସହଦେବଖୁଣ୍ଟା ପୁଲିସ ଘଟଣାର ତଦନ୍ତ କରୁଛି ।

## ସରକାରଙ୍କ ହସ୍ତକ୍ଷେପ ପରେ ବି ଖସୁନି ଆଳୁ ଦର



ଭୁବନେଶ୍ୱର, ୭/୮ (ନି.ପ୍ର): ରାଜ୍ୟରେ ଆଜିଠୁ ପର୍ଯ୍ୟାପ୍ତ ପରିମାଣରେ ଆଉ ଉଚିତ୍ ଦାମରେ ଆଳୁ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ଯୋଗାଣ ମନ୍ତ୍ରୀ । ଚଢ଼ା ଦରରେ ଆଳୁ ବିକିଲେ କାର୍ଯ୍ୟାନୁଷ୍ଠାନର ଚେତାବନୀ ବି ଦେଇଥିଲେ । ହେଲେ ବଜାର ସ୍ଥିତି ପୂରା ଓଲଟା । ନା ଗୋଦାମରେ ଆଳୁ ଅଛି ନା ଦର ଖସୁଛି । ଏମିତିକି ଖୁଚୁରା ବଜାରରେ ଚଢ଼ା ଦାମରେ ଆଳୁ ବିକ୍ରି ହେଉଥିଲେ ବି କାର୍ଯ୍ୟାନୁଷ୍ଠାନ ଶୂନ୍ । ଏସବୁ ଭିତରେ କଳବଳ ହେଉଛି ବିଚରା ଖାଉଟି । ବାଧହୋଇ କିଲୋ ପିଛା ୫୦ ଉପରେ କିଣୁଛି ଆଳୁ । ଅନ୍ୟପଟେ ଖୁଚୁରା ଆଳୁ ବେପାରୀଙ୍କ କହିବା କଥା, ଏବେ ବଜାରକୁ ଆସୁଥିବା ଆଳୁର ମାନ ବହୁତ ଖରାପ । ଢେର ପଚାସଢ଼ା ବାହାରୁଛି । ସରକାରଙ୍କ ଧାର୍ଯ୍ୟ ଦରରେ ଆଳୁ ବିକିଲେ ବ୍ୟାପକ କ୍ଷତି ସହିବାକୁ ହେବ । ରାଜ୍ୟରେ ଆଳୁ ଅଭାବ ଦୂର କରିବାକୁ ପଶ୍ଚିମବଙ୍ଗ ନହେଲେ ଉତ୍ତରପ୍ରଦେଶ ଏପରିକି ପଞ୍ଜାବରୁ ମଧ ଆଳୁ ଆଣିବାକୁ ଯୋଜନା କରାଯାଉଥିବା ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ । ହେଲେ ୪ ଦିନ ହେଲା ▶▶ପୃଷ୍ଠା ୭

## ବିଡିଓଙ୍କ ଘରେ ବିଡା ବିଡା ଟଙ୍କା: ହୋସ ଉଡାଇ ଦେଲା ହୀରା ହାର



ଆଠଗଡ, ୭/୮ (ନି.ପ୍ର): ଆଠଗଡ ବିଡିଓଙ୍କର ଅମାପ ସଂପତି । ଘରର ଥାକରେ ବିଡା ବିଡା ଟଙ୍କା, କପ ବୋର୍ଡରେ ସୁନା, ରୂପା ସହିତ ହୀରା ହାର । ଭିଜାଲାନ୍ସ ଏକକାଳୀନ ୮ଟି ସ୍ଥାନରେ ଚଢାଉ କରି ଏହିପରି ଅମାପ ସଂପତିର ସୂଚନା ପାଇଛି । ଚାଲିଛି ଆଠଗଡ ବିଡିଓଙ୍କ ଅମାପ ସମ୍ପତିର ଆକଳନ । ୫୬ ଲକ୍ଷର ଏହି ଫ୍ଲାଟରେ ରେଡ୍ ବେଳେ ଭିଜିଲାନ୍ସ ବି ତାଜୁବ । ଘରର ଥାକ ଖୋଜିବା ବେଳେ ମିଳିଲା ବିଡା ବିଡା ଟଙ୍କା । କପବୋର୍ଡରୁ ମିଳିଲା ଅଧ କିଲୋରୁ ଅଧିକ ସୁନା ଓ ରୁପା ଗହଣା । ଆଉ ଆଖି ଖୋସି ଦେଲା ଭଳି ହୀରା ହାର । ହୀରା କାନଫୁଲ । ଭଳିକି ଭଳି ସୁନାର ହାର, ମୁଦି, ମଙ୍ଗଳସୁତ୍ର ସାଙ୍ଗକୁ ଭରି ଭରି ଓଜନର ଚେନ । ଖାଲି ସେତିକି ନୁହେଁ ସୁନା ବ୍ରେସେଲେଟ ପ୍ରତି ମଧ ବାବୁଙ୍କ ଦୁର୍ବଳତା ଥିବା ଜଣା ପଡିଛି । ଖାଲି ସେତିକି ନୁହେଁ ଖୋର୍ଦ୍ଧା ଭାଲିଆବାଡି ଓ ନୟାଗଡ ରାଜ ସୁନାଖଳାରେ ରହିଛି ବିଲ୍ଡିଂ । ନୟାଗଡରେ ରହିଛି ୩ଟି ପ୍ଲଟ ଓ ଭୁବନେଶ୍ୱରରେ ଫ୍ଲାଟ । ବାବୁଙ୍କ ବ୍ୟାଙ୍କ ଓ ପୋଷ୍ଟାଲ ଜମା, ବୀମା, ଲକର ଏବଂ ଡିପୋଜିଟ୍‌କୁ ନେଇ ଚାଲିଛି ଖୋଳତାଡ । ଏବେସୁଦ୍ଧା ସମ୍ପତି କୋଟିଏ ▶▶ପୃଷ୍ଠା ୭

## ଘରୋଇ କଲେଜ ଛାତ୍ରଙ୍କ ଆତ୍ମହତ୍ୟା

ଧର୍ମଶାଳା, ୦୭/୦୮ (ନି.ପ୍ର): ଘରୋଇ କଲେଜ ଛାତ୍ରଙ୍କ ଆତ୍ମହତ୍ୟା । କାରଣ ଅସ୍ପଷ୍ଟ । ମୃତ ଛାତ୍ର ଜଣକ ହେଲେ ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ ଓଡିଶୋ ପଂଚାୟତ ମାନପୁର ଗ୍ରାମର ଆଶିଷ ପଣ୍ଡା ବୋଲି ଜଣାପଡିଛି । ସେ ଧର୍ମଶାଳା ଥାନା ଅନ୍ତର୍ଗତ ଜାରକାସ୍ଥିତ ରେନେସା ଘରୋଇ କଲେଜରେ ପାଠ ପଢୁ ଥିଲେ । ସେ ଘରକୁ ଆସି ବିଷ ପିଇ ଦେଇଥିବା ଜଣାପଡିଛି । ସୂଚନା ମୁତାବକ, ଆଶିଷ ଜାରକାସ୍ଥିତ ରେନେସା କଲେଜରେ ପାଠ ପଢୁଥିଲେ । କୌଣସି କାରଣରୁ ସେ ତାଙ୍କ ଘର ମାନପୁର ଯାଇଥିଲେ । ତେବେ ସୋମବାର ଦିନ ଘର ଛାତ ଉପରେ ବିଷ ପିଇ ଦେଇ ଗୁରୁତର ହୋଇ ପଡିଥିଲେ । ପରିବାର ଲୋକେ ତାଙ୍କୁ ସ୍ଥାନୀୟ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ନିଆଯାଇଥିଲା । ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ବେଳେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି । ତେବେ ଏଭଳି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

## ବାଇକ ଚୋରି ଅଭିଯୋଗ

କୋରେଇ, ୦୭/୦୮ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ତଥା ପାଣିକୋଇଲି ପଂଚାୟତ ମଣିପୁର ଗ୍ରାମରେ ଭଡା ରହୁଥିବା ଜୈନିକ ବ୍ୟକ୍ତିଙ୍କ ଘର ଆଗରୁ ଏକ ବାଇକ ଚୋରି ହୋଇଛି । ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅନ୍ତର୍ଗତ ଖାନପୁର ଗ୍ରାମର ଶଶିକାନ୍ତ ସାମଲଙ୍କ ପୁଅ ପ୍ରଶାନ୍ତ କୁମାର ସାମଲ ଦୀର୍ଘ ବର୍ଷ ହେବ ସପରିବାରେ ମଣିପୁର ଗ୍ରାମର ପ୍ରଶାନ୍ତ କୁମାର ମହାପାତ୍ରଙ୍କ ଘରେ ଭଡାରେ ରହୁଥିଲେ । ପ୍ରଶାନ୍ତ ନିଜ ଘର ଆଗରେ ବାଇକ ରଖି କୌଣସି କାର୍ଯ୍ୟରେ ଭୁବନେଶ୍ୱର ଯାଇଥିଲେ । ସକାଳୁ ତାଙ୍କ ପରିବାର ଲୋକେ ବାଇକଟି ଘର ଆଗରେ ନଥିା ଦେଖି ପ୍ରଶାନ୍ତଙ୍କୁ ଖବର ଦେଇଥିଲେ । ଖୋଜାଖୋଜି ପରେ ବାଇକଟି ନପାଇବାରୁ ପ୍ରଶାନ୍ତ ଥାନାରେ ଅଭିଯୋଗ କରିଥିଲେ । ଏନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ବଣିକ ସଂଘର ନୂତନ କର୍ମକର୍ତ୍ତା ଚୟନ

ଚମ୍ପୁଆ, ୦୭/୦୮ (ନି.ପ୍ର): ଚମ୍ପୁଆ ବଣିକ ସଂଘର ଏକ ସାଧାରଣ ବୈଠକ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଚମ୍ପୁଆ ଏନଏସିରେ ଥିବା ୧୦୦ରୁ ଉର୍ଦ୍ଧ୍ୱ ଦୋକାନୀ ଯୋଗ ଦେଇଥିଲେ । ଏହି ବୈଠକରେ ବ୍ୟବସାୟୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସୁବିଧା ଅସୁବିଧା ସଂମ୍ପର୍କରେ ଆଲୋଚନା ହୋଇଥଲା । ଏହି ଅବସରରେ ପୂର୍ବତନ କର୍ମକର୍ତାମାନେ ନୂତନ କର୍ମକର୍ତା ଚୟନ ପାଇଁ ପ୍ରସ୍ତାବ ଆଗତ କରିଥିଲେ । ସର୍ବସମ୍ମତି କ୍ରମେ ନୂତନ ସଭାପତି ଭାବେ ସୁବାସ ରାମ, ଉପ ସଭାପତି ଭାବେ ଆବିଦ ଅନସାରୀ, ସମ୍ପାଦକ ଭାବେ ଜଳେଶ୍ୱର ପୋଦ୍ଦାର, ସହ ସଂପାଦକ ଭାବେ ଶେହରୋଜ ଜୋୟା ଓ କାଶୀନାଥ ବେହେରାଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଥିଲା । ଉପଦେଷ୍ଟା ଭାବେ ସୁଶାନ୍ତ ସାହୁ, ତରୁଣ ସାହୁ, ମୁସଲିମ ଅଖତାର, ସମିମ ଅଖତାର ଓ ଅରୁଣ କୁମାର ସାହୁଙ୍କୁ ଚୟନ କରାଯାଇଥିଲା ।

# ମର୍ଜିତାପୁରଠାରେ ଶରୀର ଓ ଅଙ୍ଗଦାନ ମହୋତ୍ସବ

ଧର୍ମଶାଳା, ୦୭/୦୮ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଂଚଳରେ ଆଜି ଏକ ନିଆରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଧର୍ମଶାଳା ବ୍ଲକ ମର୍ଜିତାପୁର ପଂଚାୟତସ୍ଥ କଲ୍ୟାଣ ମଣ୍ଡପ ପରିସରରେ ଶରୀର ଓ ଅଙ୍ଗଦାନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଚେତନ ନାଗରିକ ମଂଚ ଓ କବାଟବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ମିଳିତ ଆନୁକୂଲ୍ୟରେ ଏହି ମହୋତ୍ସବକୁ ଅତିଥିଭାବେ ଭାରତ ଶରୀର ଓ ଅଙ୍ଗଦାନ ସମିତିର ଅଧ୍ୟକ୍ଷ ଡ. ପ୍ରଭାସ କୁମାର ଆଚାର୍ଯ୍ୟ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କବାଟବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ. ନିହାର ରଂଜନ କର, ସମାଜସେବୀ ମିନତୀ ସାହୁ, ବ୍ଲକ ଉପାଧ୍ୟକ୍ଷା ବିଶ୍ୱ ବିଜୟିନୀ ମିଶ୍ର, ଜେନାପୁର ଥାନାର ପୂର୍ବତନ ଥାନାଧିକାରୀ ସୁଶାନ୍ତ କୁମାର ଦାସ ଓ ବରିଷ୍ଠ ସାମ୍ବାଦିକ ବେଣୁଧର ପଣ୍ଡା ପ୍ରମୁଖ ଯୋଗ ଦେଇ ମୃତ୍ୟୁ ପରେ ଅଙ୍ଗଦାନ କରି କିପରି ଅନ୍ୟର ଜୀବନ ବଂଚାଇ ହେବ ସେ ନେଇ ସଚେତନତା ସୃଷ୍ଟି କରିଥିଲେ । ସଚେତନ ନାଗରିକ ମଂଚର ଆବାହକ ସରୋଜକାନ୍ତ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଅନୁଷ୍ଠିତ ଏହି ମହୋତ୍ସବରେ ୩ଶହରୁ ଉର୍ଦ୍ଧ୍ୱ ବ୍ୟକ୍ତି ଅଙ୍ଗଦାନ କରିବାକୁ ସ୍ୱୀକୃତି ପ୍ରଦାନ କରିଥିଲେ । ଅତିଥିମାନେ ସେମାନଙ୍କୁ ତାରା ସହ ପ୍ରମାଣ ପତ୍ର ଓ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ । ଏଭଳି ମହାନ ପରମ୍ପରା ଆଗକୁ ଜାରି ରହିବ । ପରବର୍ତ୍ତୀ ସମୟରେ ଜନସାଧାରଣଙ୍କ ନିକଟରେ ପଂହଚି ସଚେତନ ସୃଷ୍ଟି କରାଯିବା ସହ ୨୦୨୫ ଶେଷ ସୁଦ୍ଧା ୪ ହଜାରରୁ ଉର୍ଦ୍ଧ୍ୱ ଅଙ୍ଗଦାନ କରିବା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏଭଳି ମହାନ କାର୍ଯ୍ୟକ୍ରମକୁ ସ୍ଥାନୀୟ ଅଂଚଳରେ ଉଚ୍ଚ ପ୍ରଶଂସା କରାଯାଇଛି । ସଚେତନ ନାଗରିକ ମଂଚର ସମସ୍ତ କର୍ମକର୍ତା, ଯୁବ ସମାଜସେବୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଅଜଣା ଗାଡି ଧକ୍କାରେ ବୃଦ୍ଧ ମୃତ

ଅନୁଗୋଳ , ୦୭/୦୮ (ନି.ପ୍ର): ଅଜଣା ଗାଡି ଧକ୍କାରେ କରଡା ଛକ ନିକଟରେ ଜଣେବୃଦ୍ଧଙ୍କ ମୃତ୍ୟୁ ଘଟିଛି । ସୁଚନାନୁସାରେ ବୃଦ୍ଧ ଜଣକ ସକାଳୁ ଠାକୁରଙ୍କ ପାଇଁ ଫୁଲ ତୋଳି ସାଇକେଲରେ ଘରକୁ ଫେରୁଥିବାବେଳେ ଅଜଣା ଗାଡି ତାଙ୍କ ଉପରକୁ ମାଡି ଯାଇଥିଲା । ଘଟଣା ଘଟାଇଥିବା ଗାଡି ଫେରାର ହୋଇଯାଇଛି । ଏନେଇ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ରାସ୍ତାରୋକ କରିଛନ୍ତି । ଯାହା ଦ୍ୱାରା ଶହ ଶହ ଗାଡି ରାସ୍ତା ଉପରେ ଅଟକି ରହିଛି ।

# ସ୍କୁଲ କ୍ୟାବିନେଟ ଗଠିତ

ଜୟପୁର, ୦୭/୦୮ (ନି.ପ୍ର): ସରକାରୀ(ଏସ ଏସ ଡି) ବାଳିକା ଉଚ୍ଚ ବିଦ୍ୟାଳୟ, ନୂଆଗାଁ ଠାରେ ଚଳିତ୨୪-୨୫ ଶିକ୍ଷା ବର୍ଷ ପାଇଁ ନିର୍ବାଚନ ମାଧ୍ୟମରେ ସ୍କୁଲ କ୍ୟାବିନେଟ ଗଠନ କରାଯାଇଛି । ଛାତ୍ରୀ ମାନେ ବିଦ୍ୟାଳୟରେ ନିର୍ବାଚନ ପ୍ରକ୍ରିୟା, ଗଣତନ୍ତ୍ରରେ ଭୋଟରର ଭୂମିକା, ନେତୃତ୍ୱ ନେବା ଇତ୍ୟାଦି ଜାଣିପାରିବେ ବୋଲି ଏହି ପ୍ରକାର ନିର୍ବାଚନ କରାଯାଇଥିଲା । ନିର୍ବାଚନରେ ଭାନୁମତୀ ଚଲାଣ, ତନୁଶ୍ରୀ ଭୂମିଆ, ଜାମ୍ବବତୀ ନାୟକ, ପାର୍ବତୀ ପେଂଠିଆ-ବି, ବର୍ଷା ଝୋଡ଼ିଆ, ସୁଜାତା ଝୋଡ଼ିଆ, ସେବୀକା ମୁଦୁଲି, ମେନକା ମୁଦୁଲି, ପ୍ରତିମା ଜାନୀ, ପାର୍ବତୀ ଝୋଡ଼ିଆ, ରୋହିନୀ ଜାନୀ, ଭଗବତୀ ବାଘ, ବିଜୟଶ୍ରୀ ମୁଦୁଲି ଏବଂ ହୀରାମଣି ଜାନୀ ବିଭିନ୍ନ ମନ୍ତ୍ରୀ ଭାବେ ଜିଣି ସ୍କୁଲ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେଇଥିଲେ । ଏଥି ସହ ପ୍ରତ୍ୟେକ ଶ୍ରେଣୀରେ ଶ୍ରେଣୀ ପ୍ରତିନିଧି ଓ ମିନାମଂଚ ଗଠନ କରାଯାଇଥିଲା । ଏହି ନିର୍ବାଚନ ପ୍ରକ୍ରିୟାରେ ପ୍ରଧାନ ଶିକ୍ଷୟିତ୍ରୀ ରଂଜୀତା ମୌସମୀ ଭତରା, ଶିକ୍ଷକ ଶିକ୍ଷୟିତ୍ରୀ ଏନ ରାଜେଶ କୁମାର, ରାଜେଶ ନାୟକ, ଭାସ୍କର ଶତପଥୀ, କଳ୍ପତରୁ ହରିଜନ, ଦିବ୍ୟଜ୍ୟୋତି ମଲିକ, ସୁଚିତ୍ରା ସାମଲ, ସୁଭାସିନୀ ସାହୁ, ରଶ୍ମିତା ପଣ୍ଡା, ଶ୍ରୀନିବାସ ପଣ୍ଡା, ରଶ୍ମିତା ସ୍ୱାଇଁ, ଜେମା ହରିଜନ, ସୁବାସ ହରିଜନ ଓ ଭୋଜ ଗୋବିନ୍ଦ ପାତ୍ର ସହଯୋଗ କରିଥିଲେ । ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସ୍କୁଲ କ୍ୟାବିନେଟ ନୋଡାଲ ଶିକ୍ଷକ ତଥା ରାଜ୍ୟ ସାଧନ କର୍ମୀ ଏନ ରାଜେଶ କୁମାର ପରିଚାଳନା କରିଥିଲେ ।

# ଜିଲ୍ଲା ବ୍ୟବସାୟୀ ସଂଘ ପକ୍ଷରୁ ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ମାଲକାନଗିରି, ୦୭/୦୮ (ନି.ପ୍ର): ମାଲକାନଗିରି ଜିଲ୍ଲାର ଉନ୍ନତିରେ ବ୍ୟବସାୟୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପ୍ରତ୍ୟେକ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ । ଏଭଳି ମତ ଦେଇଛନ୍ତି ମାଲକାନଗିରି ନବନିର୍ବାଚିତ ବିଧାୟକ ନରସିଂହ ମାଡକାମୀ । ମାଲକାନଗିରି ଜିଲ୍ଲା ବ୍ୟବସାୟୀ ସଂଘ ପକ୍ଷରୁ ନବ ନିର୍ବାଚିତ ଯୁବ ବିଧାୟକ ନରସିଂହ ମାଡକାମିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବା ଅବସରରେ ବିଧାୟକ ଏପରି କହିଛନ୍ତି । ଗତକାଲି ସ୍ଥାନୀୟ ସ୍ୱାଗତ ହୋଟେଲର ସଭା ଗୃହରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ନରସିଂହ ମାଡକାମି ଯୋଗ ଦେଇଥିବା ବେଳେ ଜିଲ୍ଲା ଭାଜପା ଅଧକ୍ଷ ନିମାଇ ପାଲ, ବରିଷ୍ଠ ଆଇନଜୀବି ଗୁରୁ ଚରଣ ମହାନ୍ତି, ବିଶିଷ୍ଟ ବ୍ୟବସାୟୀ ଡ଼ା ତପନ ସାନା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଜିଲ୍ଲା ବ୍ୟବସାୟୀ ସଂଘର ସଭାପତି ସୁରେଶ ସୋମାନି ଅଧକ୍ଷତା କରିଥିଲେ । ସଂଘର ସଦସ୍ୟ ଦିବାକର ପାଳ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ବ୍ୟବସାୟୀ ତଥା ଜିଲ୍ଲାର ବିଭିନ୍ନ ସମସ୍ୟା ନେଇ ସମ୍ପାଦକ ଇଶ୍ୱର ପଟ୍ଟନାୟକ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଉପଢୌକନ ଓ ଫୁଲତୋଡ଼ା ଦେଇ ବିଧାୟକ ଓ ଅନ୍ୟମାନଙ୍କୁ ସମ୍ବର୍ଦ୍ଧନା ଦିଆ ଯାଇଥିଲା । ସମସ୍ୟାଗୁଡ଼ିକର ସମାଧାନ ଉପରେ ଉତ୍ତର ଦେଇ ବିଧାୟକ କହିଥିଲେ ଯେ ମାଲକାନଗିରି ସହର ଲାଗି ରିଙ୍ଗ ରୋଡ଼ ପାଇଁ ପ୍ରସ୍ତାବ ରହିଛି । ରେଳ ଲାଇନ୍ ଏବଂ ବିମାନ ବନ୍ଦର କାର୍ଯ୍ୟକୁ ତ୍ୱରାନିତ କରାଯାଇଛି । ଜିଲ୍ଲାର ଯେଉଁ ସବୁ ସମସ୍ୟା ରହିଛି ସବୁର ସମାଧାନ ପାଇଁ ବ୍ୟବସାୟୀ ସଂଘର ସହଯୋଗ କାମନା କରିଛନ୍ତି ଯୁବ ବିଧାୟକ । ଏଥିପାଇଁ ପ୍ରତ୍ୟେକ ମାସରେ ସଂଘର ପ୍ରତିନିଧି ମାନଙ୍କ ସହ ବୈଠକ କରି ଆଲୋଚନା କରିବା ଉପରେ ସେ ପ୍ରସ୍ତାବ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ସଂଘର ସଦସ୍ୟଗଣ ଏବଂ ଭାଜପାର ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ ।

# ଛାତ୍ରଛାତ୍ରୀଙ୍କ ତହସିଲ କାର୍ଯ୍ୟାଳୟର ଘେରାଉ

କେନ୍ଦ୍ରାପଡ଼ା, ୦୭/୦୮ (ନି.ପ୍ର): ବିଦ୍ୟାଳୟର ରାସ୍ତାରେ ଲହଡି ମାରୁଛି ନର୍ଦ୍ଦମା ପାଣି । ଯାତାୟତରେ ସମସ୍ୟା ଭୋଗୁଛନ୍ତି ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରତିବାଦରେ ତହସିଲ କାର୍ଯ୍ୟାଳୟର ଘେରାଉ । ଏପରି ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ବଜାରରେ ଥିବା ମାର୍ଶାଘାଇ ସରକାରି ଉଚ୍ଚ ବିଦ୍ୟାଳୟରରେ । ପାଣିବାଟ ଜବରଦଖଲ ଯୋଗୁ ବର୍ଷାପାଣି ନିଷ୍କାସିତ ନହୋଇପକରି ବିଦ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତାର ନର୍ଦ୍ଦମାପାଣି ଜମି ରହୁଥିଲା । ଫଳରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଯାତାୟତରେ ସମସ୍ୟା ଭୋଗୁଥିଲେ । ଅନେକ ସମୟରେ ଏହି ରାସ୍ତାରେ ଯିବା ସମୟରେ ଛାତ୍ରଛାତ୍ରୀମାନେ ପଡି ଆହତ ହେବା ସହିତ ବହିପତ୍ର ଓଦା ହୋଇଯାଉଥିଲା । ଶେଷରେ ଛାତ୍ରଛାତ୍ରୀ ମାନେ ଏକତ୍ରିତ ହୋଇ ମାର୍ଶାଘାଇ ତହସିଲ କାର୍ଯ୍ୟାଳୟର ଘେରାଉ କରିଥିଲେ । ଖବରପାଇ କେନ୍ଦ୍ରାପଡା ଜିଲ୍ଲାପାଳ ଘଟଣାସ୍ଥଳରେ ପହଂଚି ସ୍ଥିତି ଅନୁଧ୍ୟାନ କରିବା ସହିତ ତହସିଲ କାର୍ଯ୍ୟାଳୟରେ ପହଁଚି ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରିବା ପରେ ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ ଛାତ୍ରଛାତ୍ରୀମାନେ ।

# ସମାଜସେବୀ କଢି ସ୍ୱାଇଁଙ୍କ ଶ୍ରଦ୍ଧାଞ୍ଜଳି ସଭା

କେନ୍ଦ୍ରାପଡ଼ା, ୦୭/୦୮ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ଗରଦପୁର ବ୍ଲକ ଅନ୍ତର୍ଗତ ଚଁପୁରହାଟ ନିକଟସ୍ଥ ବନ୍ଧସାହି ଠାରେ ସମାଜସେବୀ ତଥା ବରିଷ୍ଠ ସାମ୍ବାଦିକ ମନୋଜ କୁମାର ସ୍ୱାଇଁଙ୍କ ମା'ସ୍ୱର୍ଗତା କଢି ସ୍ୱାଇଁଙ୍କର ଦ୍ୱାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ, ଜିଲ୍ଲା ବିଜେପି ସଭାପତି କିଶୋର କୁମାର ପଣ୍ଡା, ବିଜେଡି ନେତା ରବି ସାମଲ, କଂଗ୍ରେସ ସାଂସଦ ପ୍ରାର୍ଥୀ ସିଦ୍ଧାର୍ଥସ୍ୱରୂପ ଦାଶ, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଭାଇ ଶାନ୍ତନୁ ନାୟକ, ପୂର୍ବତନ ପ୍ରଶାସକ ବିକାଶ ମହାପାତ୍ର, କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ପ୍ରତିନିଧି, ବିଜେଡି ରାଜ୍ୟ ସମ୍ପାଦକ ରଞ୍ଜିତ କୁମାର ସାହୁ, ଅବସରପ୍ରାପ୍ତ ଇଞ୍ଜିନିଅର ମଦନ ମୋହନ ସାମଲ, ବଂଶୀଧର ସାମଲ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦୀପ କୁମାର ମହାନ୍ତି, ପ୍ରଧାନ ଶିକ୍ଷୟିତ୍ରୀ କାଂଚନବାଳା ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ଗଣେଶ ଚନ୍ଦ୍ର ସାମଲ, ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ ରଥ, ଡେରାବିଶ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜ ସାହୁ, ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ଜିଲ୍ଲା କଂଗ୍ରେସ ଉପସଭାପତି ପ୍ରଫୁଲ୍ଲ ଦାସ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତିଙ୍କ ପ୍ରତିନିଧି ପ୍ରଦୀପ ପ୍ରଧାନ, ମୀର ମୁର୍ଶିଦ, ବରିଷ୍ଠ ପୋଲିସ ଅଧିକାରୀ, ବରିଷ୍ଠ ପ୍ରଶାସନିକ ଅଧିକାରୀ, ବିଭିନ୍ନ ସରକାରୀ ବିଭାଗର ଅଧିକାରୀ, ସ୍ଥାନୀୟ ପଂଚାୟତଗୁଡିକର ସରପଂଚ ଓ ସମିତିସଭ୍ୟମାନଙ୍କ ସମେତ ବହୁ ବିଶିଷ୍ଟବ୍ୟକ୍ତିମାନେ ଯୋଗଦେଇ ସ୍ୱର୍ଗତା ସ୍ୱାଇଁଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସ୍ୱର୍ଗତା ସ୍ୱାଇଁଙ୍କ ପୁତ୍ର ହର ପ୍ରସାଦ ସ୍ୱାଇଁ, ପ୍ରତାପ କୁମାର ସ୍ୱାଇଁ, ଅଶୋକ କୁମାର ସ୍ୱାଇଁ, ଶୁଶାନ୍ତ କୁମାର ସ୍ୱାଇଁ, ମନୋଜ କୁମାର ସ୍ୱାଇଁ, ସୌଭାଗ୍ୟ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ ।

# ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ଏନ୍ ଏସ୍ ଏସ୍ ପ୍ରଶିକ୍ଷଣ

ଜୟପୁର, ୦୭/୦୮ (ନି.ପ୍ର): ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ନବସ୍ଥାପିତ ଜାତୀୟ ସେବା ଯୋଜନା ତଥା ଏନ୍ ଏସ୍ ଏସ୍ ବ୍ୟୁରୋ ଆନୁକୁଲ୍ୟରେ ଅଧ୍ୟକ୍ଷ, କାର୍ଯ୍ୟକ୍ରମ ଅଧିକାରୀ ଓ ସ୍ୱେଚ୍ଛାସେବୀଙ୍କୁ ନେଇ ଏକ ଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉଦଘାଟନୀ ଓ ଉଦଯାପନୀ ସତ୍ର ସହ ତିନୋଟି ଟେକ୍ନିକାଲ୍ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ବ୍ୟୁରୋ କାର୍ଯ୍ୟକ୍ରମ ସଂଯୋଜକ ଡଃ. ମନୋରଞ୍ଜନ ପ୍ରଧାନଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି ଗବେଷଣା ଶିବିରକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦେବୀ ପ୍ରସାଦ ମିଶ୍ର ଉଦଘାଟନ କରି ଜାତୀୟ ସେବା ଯୋଜନାକୁ ଦେଶ ସ୍ତରରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିବା ବେଳେ କୁଳସଚିବ ପ୍ରଫେସର ରଂଜନ କୁମାର ପ୍ରଧାନ ଜାତୀୟ ସେବା ଯୋଜନାର ବିଭିନ୍ନ ଦିଗ ଓ ଏହାର ସଫଳ ରୂପାୟନ ସମ୍ବନ୍ଧରେ ଆଲୋକପାତ କରିଥିଲେ । ପିଜି କାଉନସିଲ ଅଧ୍ୟକ୍ଷ ଡଃ. ପ୍ରଶାନ୍ତ କୁମାର ପାତ୍ର ଜାତୀୟ ସେବା ଯୋଜନା ମାଧ୍ୟମରେ କଲେଜ ଓ ଛାତ୍ର ଛାତ୍ରୀମାନେ କିଭଳି ସମାଜଭିମୁଖୀ ହେବେ ସେଥିପ୍ରତି ଧ୍ୟାନ ଆକର୍ଷଣ କରିଥିଲେ । ସେହିପରି ତିନୋଟି ଟେକ୍ନିକାଲ ଅଧିବେଶନରେ ଶ୍ରୀ କିଶୋର କୁମାର ବେହେରା, ସୁଶାନ୍ତ କୁମାର ବେହେରା, ହିମାଂଶୁ ଶେଖର ବକ୍ସି ଓ ମାନସୀ ମହାପାତ୍ର ପ୍ରମୁଖ ସମ୍ବଳ ଶିକ୍ଷକ ଭାବରେ ପ୍ରଶିକ୍ଷଣ ଦେଇଥିଲେ । ସଂପୂର୍ଣ୍ଣ କାର୍ଯ୍ୟକ୍ରମକୁ ଛାତ୍ରୀ ସୁସ୍ମିତା ନାୟକ ଓ ମୈସୁମୀ ପ୍ରିୟଙ୍କା ତ୍ରିପାଠୀ ଉପସ୍ଥାପିକା ଭୂମିକା ନିଭାଇଥିଲେ । ସୂଚନାଯୋଗ୍ୟ କି, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ୩୦ କଲେଜର ୫୩ ଜଣ କାର୍ଯ୍ୟକ୍ରମ ଅଧିକାରୀ ଓ ୪୩ ଜଣ ସ୍ୱେଚ୍ଛାସେବୀ ସହ ଚାରିଜଣ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଏହି ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିଲେ । ଏହି ଶିବିରରେ ଏନ୍ ଏସ୍ ଏସ୍ ମାଧ୍ୟମରେ ରକ୍ତଦାନ ଶିବିର, ବୃକ୍ଷ ରୋପଣ, ଡିଜିଟାଲ ସାକ୍ଷରତା, ମୌ।ଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ, ଆଦି କାର୍ଯ୍ୟକ୍ରମ ହାତକୁ ନେବାକୁ ନିଷ୍ପତ୍ତି ହୋଇଥିଲା । ଉଦଯାପନୀ ଉତ୍ସବରେ କୁଳପତିଙ୍କ ମାର୍ଗଦର୍ଶନ ପରେ ସମସ୍ତ ପ୍ରତିଭାଗୀଙ୍କୁ ପ୍ରମାଣ ପତ୍ର ଦିଆଯାଇଥିଲା । ଜଳପାନ ସହ ସକାଳ ନଅରୁ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ ଶିବିର ସନ୍ଧ୍ୟା ୫ଟାରେ ସମାପନ ହୋଇଥିଲା । ବିଶେଷକରି ବିଏଡ୍ ବିଭାଗର ଛାତ୍ର ଛାତ୍ରୀମାନଙ୍କ କଠିନ ପରିଶ୍ରମରୁ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଶୃଙ୍ଖଳିତ ଭାବରେ ଅନୁଷ୍ଠିତ ହୋଇଯାଇଛି ।

# ବାର୍ଦ୍ଧକ୍ୟ ଭତ୍ତାରୁ ବଂଚିତ ଅସହାୟ ବୃଦ୍ଧା

ଚମ୍ପୁଆ, ୦୭/୦୮ (ନି.ପ୍ର): ସରକାର ବୃଦ୍ଧ ବୃଦ୍ଧାମାନଙ୍କୁ ଭତା ପ୍ରଦାନ ପାଇଁ ବୟସ ସୀମା ୬୦ ବର୍ଷ ଧାର୍ଯ୍ୟ କରିଛନ୍ତି । ହେଲେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ଚମ୍ପୁଆ ବ୍ଲକ୍ ଜଜପଶି ପଂଚାୟତ ଫୁଲକଅଁଳେଇ ଗ୍ରାମରେ । ଗ୍ରାମର ସ୍ୱର୍ଗତ ଗଙ୍ଗାଧର ନାଏକଙ୍କ ସ୍ତ୍ରୀ କଂସଲା ନାଏକଙ୍କ ବୟସ ଆଧାର କାର୍ଡ ଅନୁସାରେ ପ୍ରାୟ ୭୦ ବର୍ଷ ହୋଇଥିଲେ ମଧ ସେ ବାର୍ଦ୍ଧକ୍ୟ ଭତାରୁ ବଂଚିତ ରହିଛନ୍ତି । ଦୀର୍ଘ ଦଶ ବର୍ଷ ଧରି ବହୁ ଥର ଗ୍ରାମପଂଚାୟତ ଓ ବ୍ଲକର ଦ୍ୱାରସ୍ଥ ହୋଇଥିଲେ ମଧ ରାଜନୈତିକ କାରଣରୁ ତାଙ୍କୁ ଭତାରୁ ବଂଚିତ ରଖାଯାଇଥିବା ନେଇ କଂସଲା ଅଭିଯୋଗ କରିଛନ୍ତି ।

# ରାଜ୍ୟସଭାରେ ନକଲି ଏସ୍‌ସି /ଏସଟି ଏବଂ ଜାଲଜାତି ପ୍ରମାଣପତ୍ରଧାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଗର୍ଜିଲେ ରାଜ୍ୟସଭା ସାଂସଦ

ବଲାଙ୍ଗୀର, ୦୭/୦୮ (ନି.ପ୍ର): ନକଲି ଅନୁସୂଚିତ ଜାତି ଏବଂ ନକଲି ଅନୁସୂଚିତ ଜନଜାତିମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଂସଦ ଶ୍ରୀ ନିରଞ୍ଜନ ବିଶି ରାଜ୍ୟସଭାରେ ପ୍ରସଙ୍ଗ ଉପସ୍ଥାପନ କରିଥିଲେ । ବିଶେଷକରି ଅନୁସୂଚିତ ଜାତି(ଏସ୍‌ସି), ଅନୁସୂଚିତ ଜନଜାତି(ଏସ୍‌ଟି) ଏବଂ ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି) ସମ୍ପ୍ରଦାୟ ପାଇଁ ଭାରତର ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସାମାଜିକ ଅର୍ଥନୈତିକ ବିକାଶ ପାଇଁ ସଂରକ୍ଷଣ ସୁବିଧା ରହିଛି । ସାଂସଦ ଶ୍ରୀ ବିଶି ଉଦ୍‌ବେଗ ପ୍ରକାଶ କରିଥିଲେ ଯେ ନକଲି ଅନୁସୂଚିତ ଜାତି ଏବଂ ନକଲି ଅନୁସୂଚିତ ଜନଜାତିର ଲୋକ ଜାଲଜାତି ପ୍ରମାଣପତ୍ର ମାଧ୍ୟମରେ ଉକ୍ତ ସମ୍ପ୍ରଦାୟର ପ୍ରାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ସାମ୍ବିଧାନିକ ସୁବିଧା ସୁଯୋଗ ଅକ୍ତିଆର କରୁଛନ୍ତି । ଫଳରେ ପ୍ରକୃତ ଏସ୍‌ସି ଏସଟି ପ୍ରାର୍ଥୀ ଉଚ୍ଚଶିକ୍ଷା, ନିଯୁକ୍ତି, ପଦୋନ୍ନତି ଏବଂ ଲୋକ ପ୍ରତିନିଧି ପଦବୀରେ ଥିବା ସଂରକ୍ଷଣ ସୁଯୋଗରୁ ବଂଚିତ ହେଉଛନ୍ତି । ନକଲି ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ପ୍ରାର୍ଥୀ ମାନେ ଜାଲ ଜାତିପ୍ରମାଣପତ୍ର ଦ୍ୱାରା ସମ୍ବିଧାନ ପ୍ରଦତ୍ତ ସଂରକ୍ଷଣ ସୁବିଧାଗୁଡ଼ିକୁ ଉପଭୋଗ କରୁଛନ୍ତି । ନକଲି ଅନୁସୂଚିତ ଜାତି ଓ ନକଲି ଅନୁସୂଚିତ ଜନଜାତି କେବଳ ଦେଶର ଏସସି ଏବଂ ଏସଟି ସମ୍ପ୍ରଦାୟ ପାଇଁ କରାଯାଇଥିବା ସଂରକ୍ଷଣ ସୁବିଧା ଛଡ଼ାଇ ନେଉ ନାହାଁନ୍ତି ବରଂ ଏହାଦ୍ୱାରା ସାମାଜିକ ଅନ୍ୟାୟ ଏବଂ ଅସମାନତାକୁ ବୃଦ୍ଧି କରୁଛନ୍ତି ବୋଲି ସାଂସଦ ଶ୍ରୀ ବିଶି ରାଜ୍ୟସଭା ରେ କେନ୍ଦ୍ର ସରକାର ଙ୍କ ଧ୍ୟାନ ଆକର୍ଷଣ କରିଥିଲେ କ୍ଷ ଜାଲ ଜାତିପ୍ରମାଣପତ୍ର ଦ୍ୱାରା ପ୍ରକୃତ ଏସ୍‌ସି/ଏସ୍‌ଟି ପ୍ରାର୍ଥୀମାନେ ସେମାନଙ୍କର ସାମ୍ବିଧାନିକ ଅଧିକାରରୁ ବଂଚିତ ହୋଇଛନ୍ତି ଏବଂ ଦେଶର ମୁଖ୍ୟ ସ୍ରୋତ ରେ ସାମିଲ ହୋଇପାରୁନାହାନ୍ତି କ୍ଷ ଏହା ବ୍ୟତୀତ, ସାଂସଦ ଶ୍ରୀ ବିଶି ସରକାରଙ୍କ ଦୃଷ୍ଟି ଆକର୍ଷଣ କରି କହିଛନ୍ତି ଯେ ଭାରତର ସମ୍ବିଧାନର ଜନକ ବାବାସାହେବ ଭୀମ ରାଓ ଆମ୍ବେଦକର, ଏସ୍‌ସି/ଏସ୍‌ଟି ସମ୍ପ୍ରଦାୟ ପାଇଁ ଶିକ୍ଷା, ନିଯୁକ୍ତି, ପଦୋନ୍ନତି ଏବଂ ରାଜନୈତିକ ପଦବୀରେ ପ୍ରତିନିଧିତ୍ୱ ସକାଶେ ସଂରକ୍ଷଣ ବ୍ୟବସ୍ଥା କରିଥିଲେ ଯାହା ଉକ୍ତ ସମ୍ପ୍ରଦାୟର ଲୋକ ଦେଶର ମୁଖ୍ୟ ସ୍ରୋତରେ ପହଂଚାଇବା ଉଦ୍ଦେଶ୍ୟରେ ଥିଲା । କିନ୍ତୁ ଜାଲଜାତି ପ୍ରମାଣପତ୍ର ଦ୍ୱାରା ମୂଳ ଏସଟି ଏସସି ସମସ୍ତ ସଂରକ୍ଷଣ ସୁବିଧା ସୁଯୋଗ ରୁ ବହୁ ଦୂରରେ ରହି ଯାଉଛନ୍ତି, ଏବଂ ସମ୍ବିଧାନ ର ଲକ୍ଷ ଏବଂ ଉଦେଶ୍ୟ ପୂରଣ ହୋଇପାରୁନାହିଁ କ୍ଷତେଣୁ ଜାଲ ଜାତିସାର୍ଟିଫିକେଟ୍ ମାମଲାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଶ୍ରୀ ବିଶି ସରକାରଙ୍କୁ ଦାବୀ କରିଥିଲେ । ଜାଲ ଜାତି ପ୍ରମାଣ ପତ୍ର ଗୁଡିକୁ ରଦ୍ଦ କରିବା ସହିତ ନକଲି ଅନୁସୂଚିତ ଜାତି ଓ ନକଲି ଅନୁସୂଚିତ ଜନଜାତି ତଥା କ୍ଷଜାଲଜାତି ପ୍ରମାଣପତ୍ରଧାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ କରିବାକୁ ସାଂସଦ ଶ୍ରୀ ବିଶି ଦାବି କରିଛନ୍ତି । ଏହାଦ୍ୱାରା ପ୍ରକୃତ ଏସ୍‌ସି ଏବଂ ଏସ୍‌ଟିମାନଙ୍କୁ ସେମାନଙ୍କର ସାମ୍ବିଧାନିକ ମୌଳିକ ଅଧିକାର ମିଳିବ ଏବଂ ଦେଶର ମୁଖ୍ୟ ସ୍ରୋତରେ ଏସସି ଏସଟି ସମ୍ପ୍ରଦାୟର ଲୋକ ସାମିଲ ହୋଇପାରିବେ ବୋଲି ଶ୍ରୀ ବିଶି ଦାବୀ ଉପସ୍ଥାପନ କରିଥିଲେ ।

# କେନ୍ଦୁଝରରେ ଅଗଷ୍ଟ ୧୬ ରୁ ୧୯ ଗଡିବ କୌଶଳ ରଥ : ବୈଷୟିକ ଓ କୌଶଳ ଭିତିକ ଶିକ୍ଷା ଉପରେ ସଚେତନତା ସୃଷ୍ଟି


କେନ୍ଦୁଝର, ୦୭/୦୮ (ନି.ପ୍ର): ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ କୌଶଳ ଭିତିକ ଶିକ୍ଷାରେ ଆଗ୍ରହ ବଢାଇବା ନିମନ୍ତେ ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକା ଶିକ୍ଷା ବିଭାଗ ତରଫରୁ ଶୁଭାରମ୍ଭ କରାଯାଇଥିବା କୌଶଳ ରଥ ସମଗ୍ର ରାଜ୍ୟ ପରିଭ୍ରମଣ ରକରୁଛି । ଅତ୍ୟାଧୁନିକ ଜ୍ଞାନ କୌଶଳରେ ଖଚିତ ଏହି କୌଶଳ ରଥ ଚଳିତ ମାସ ୧୬ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଚାରିଦିନ ବ୍ୟାପି ଗଡିବା ନେଇ ନିଷ୍ପତି ହୋଇଅଛି । ଏ ସଂପର୍କରେ ଅତିରିକ୍ତ ଜିଲ୍ଲାପାଳ ଲଳିତ ସୋରେଙ୍ଗ ଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କୌଶଳ ରଥ ଗସ୍ତ କରିବାକୁ ଥିବା ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଗୁଡିକ ପାଇଁ କାର୍ଯ୍ୟକ୍ରମର ସଂପୂର୍ଣ୍ଣ ରୂପରେଖା ଆଲୋଚନା କରାଯାଇ ଧାର୍ଯ୍ୟ କରାଯାଇଛି । ଏହି କ୍ରମରେ ୧୬ ତାରିଖରେ କଲେକ୍ଟରେଟ ଠାରେ ଏହି କୈଶଳ ରଥର ଆନୁଷ୍ଠାନିକ ଶୁଭାରମ୍ଭ ହେବା ପରେ ଧାର୍ଯ୍ୟ ସୂଚୀ ଅନୁଯାୟୀ ଏହା ଓଏସଏମଇ କେନ୍ଦୁଝର ,ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ , ଡି.ଏନ.ହାଇସ୍କୁଲ , ଏକଲବ୍ୟ ହାଇସ୍କୁଲ ଓ ନରଣପୁର ହାଇସ୍କୁଲ ଗସ୍ତ କରିବ । ଅନୁରୁପ ଭାବେ ଦ୍ୱିତୀୟ ଦିନ ୧୭ ତାରିଖରେ ଏହା ଚମ୍ପୁଆସ୍ଥିତ ମହତାବ ହାଇସ୍କୁଲ , ବାସୁଦେବପୁର ଏସ.ଏସଡି ସ୍କୁଲ , ଆଇଟିଆଇ ବଡବିଲ , ମାଟିକାମ୍ବଡା ଏସଏସଡି ସ୍କୁଲ , ତୃତୀୟ ଦିନ ୧୮ ତାରିଖରେ ଶୁଆକାଟୀ ଏସଏସଡି ସ୍କୁଲ , ବଂଶପାଳ ଆଇଟିଆଇ , ଓ ସାହାରପୁର ଏସଏସଡି ସ୍କୁଲ ଏବଂ ଚତୁର୍ଥ ତଥା ଅନ୍ତିମ ଦିନ ୧୯ ତାରିଖରେ ତ୍ରିଲୋଚନପୁର ଏସଏସଡି ସ୍କୁଲ ଓ ଆନନ୍ଦପୁର ଆଇଟିଆଇ ଠାରେ କେନ୍ଦୁଝର ଜିଲ୍ଲା ଲାଗି କାର୍ଯ୍ୟକ୍ରମ ଶେଷ କରି କୌଶଳ ରଥ ଅନ୍ୟ ଜିଲ୍ଲା ଗସ୍ତ କରିବ ।

# ପୂର୍ବତନ ସାଂସଦ ମମତା ମହନ୍ତଙ୍କୁ ବିଜେପି ପକ୍ଷରୁ ସ୍ୱାଗତ ଓ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୦୭/୦୮ (ନି.ପ୍ର): ବିଜେପିର ଆଦର୍ଶ ଏବଂ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ କାର୍ଯ୍ୟଶୈଳୀରେ ହୋଇ ପୂର୍ବତନ ବିଜେଡି ନେତ୍ରୀ ତଥା ସାଂସଦ ଶ୍ରୀମତୀ ମମତା ମହନ୍ତ ବିଜେଡି ଦଳ ଏବଂ ରାଜ୍ୟ ସଭା ସାଂସଦ ପଦରୁ ଇସ୍ତଫା ଦେଇ ଗତ ୧ ତାରିଖ ଦିନ ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ କାର୍ଯ୍ୟାଳୟଠାରେ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଥିଲେ । ମଙ୍ଗଳବାର ଶ୍ରୀମତୀ ମହନ୍ତ ଭୁବନେଶ୍ୱରରେ ପହଂଚିବା ପରେ ତାଙ୍କୁ ବିଜେପି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାଗତ ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ରାଜ୍ୟ ସହପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡି, ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ଡା.ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ରାଜ୍ୟ ସାଧାରଣ ସଂପାକ ଡ.ଯତୀନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଶ୍ରୀମତୀ ମହନ୍ତଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ କରି ସ୍ୱାଗତ ଜଣାଇବା ସହିତ ଶ୍ରୀମତୀ ମହନ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ଓଡିଶାରେ ବିଜେପିର ଡବଲ ଇଂଜିନ ସରକାର ଗଠନ ସମ୍ଭବ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଗଠନ ହୋଇଥିବା ସାଧାରଣ ଲୋକଙ୍କ ବିଜେପି ସରକାରର ଦଳୀୟ ସଂଗଠନକୁ ଆହୁରି ମଜବୁତ କରାଯିବ ଏବଂ ଶ୍ରୀମତୀ ମହନ୍ତଙ୍କ ଯୋଗଦାନ ବିଜେପିକୁ ସମୃଦ୍ଧ କରିବ ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି । ଓଡିଶାବାସୀ ଏବଂ ବିଶେଷ ଭାବେ ମୟୂରଭଞ୍ଜ ଜିଲ୍ଲାବାସୀ ସଦ୍ୟସମାପ୍ତ ନିର୍ବାଚନରେ ବିଜେପିକୁ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି । ଜିଲ୍ଲାର ସମୁଦାୟ ୯ଟିରୁ ୯ ବିଧାୟକ ଏବଂ ଲୋକସଭା ସାଂସଦଙ୍କୁ ବିଜୟୀ କରାଇଛନ୍ତି । ଲୋକଙ୍କ ସେବା ପାଇଁ ମୁଁ ବିଜେପିରେ ଯୋଗ ଦେଇଛି ଏବଂ ଶୃଙ୍ଖଳିତ କାର୍ଯ୍ୟକର୍ତା ଭାବେ ପାର୍ଟିର ନିର୍ଦ୍ଦେଶକୁ ପାଳନ କରିବି ବୋଲି ଶ୍ରୀ ମହନ୍ତ କହିଛନ୍ତି । ଏହି ଅବସରରେ ପାର୍ଟୀର ଅନେକ ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

# ତାଳଚେର ସାରଖାନାର ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉ: ରୁଦ୍ର ନାରାୟଣ ପାଣି

ଢେଙ୍କାନାଳ/ଭୁବନେଶ୍ୱର, ୦୭/୦୮ (ନି.ପ୍ର): ବହୁ ପ୍ରତିକ୍ଷୀତ ତାଳଚେର ସାରଖାନାର ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବ୍ୟକ୍ତିଗତ ସ୍ତରରେ ହସ୍ତକ୍ଷେପ କରିବାକୁ ମଙ୍ଗଳବାର କେନ୍ଦ୍ର ରସାୟନ ଓ ସାର ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି । ଓଡ଼ିଶା ବିଶେଷ ଭାବରେ ଅନୁଗୋଳ ଓ ଢେଙ୍କାନାଳବାସୀଙ୍କ ସ୍ୱାର୍ଥ ଉପରେ ଗୁରୁତ୍ୱାରୋପ କରି ପତ୍ରରେ ଶ୍ରୀ ପାଣି ଉଲ୍ଲେଖ କରିଛନ୍ତି ଯେ ତାଳଚେର ସାର କାରଖାନାର ପୁନରୁଦ୍ଧାର କାମରେ ବିଳମ୍ବ ପରିଲିକ୍ଷିତ ହୋଇଛି । ଦୁର୍ବଳ ହୋଇପଡିଥିବା ସାର ୟୁନିଟ୍ ଗୁଡ଼ିକର ପୁନରୁଦ୍ଧାର କରିବା ପ୍ରଧାନମନ୍ତ୍ରୀ ମୋଦୀ ସରକାରଙ୍କ ଏକ ନୀତିଗତ ପ୍ରାଥମିକତାରେ ରହିଛି । ୨୦୧୮ ମସିହାରେ ପ୍ରଧାନମନ୍ତ୍ରୀ ମୋଦୀ ତାଳଚେର ସାର କାରଖାନାକୁ ଗସ୍ତ କରିବା ସହ ପରିଦର୍ଶନ କରିଥିଲେ । ତେବେ କୋଭିଡ୍ ମହାମାରୀ କାରଣରୁ କାରଖାନାର ପୁନରୁଦ୍ଧାର କାମରେ ବିଳମ୍ବ ହୋଇଥିଲା । ବର୍ତ୍ତମାନ ଜାରି ରହିଥିବା କାରଖାନାର ନିର୍ମାଣ କାର୍ଯ୍ୟ ଧୀମା ଗତିରେ ଚାଲିଥିରୁ ଚିନ୍ତାପ୍ରକଟ କରିବା ସହ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ସେ ପତ୍ରରେ ଉଲ୍ଲେଖ କରିଛନ୍ତି । ଦେଶର ପ୍ରଥମ କୋଲ ଗ୍ୟାସିଫିକେସନ ଟେକ୍ନୋଲୋଜି ଆଧାରିତ ତାଳଚେର ସାର କାରଖାନା ୟୁରିଆ ଉତ୍ପାଦନ କ୍ଷେତ୍ରରେ ଦେଶକୁ ସ୍ୱାବଲମ୍ବୀ କରିବ । ଏହାଦ୍ୱାରା ଚାଷୀମାନେ ଉପକୃତ ହେବା ହେବା ସହ ସର୍ବାଧିକ ବ୍ୟବହୃତ ହେଉଥିବା ସାର ୟୁରିଆର ଆମଦାନୀ ହ୍ରାସ ହୋଇପାରିବ । ତାଳଚେର ସାର କାରଖାନା ରାଜ୍ୟର ସାର ଓ ଅନ୍ୟାନ୍ୟ ଶିଳ୍ପକୁ ବ୍ୟାପକ ପ୍ରୋତ୍ସାହନ ଦେଇ ଓଡ଼ିଶାର ଶିଳ୍ପ ଓ ଆର୍ଥିକ ଅଭିବୃଦ୍ଧି ଦିଗରେ ପ୍ରଗତି ଓ ସମୃଦ୍ଧିର ଏକ ନୂଆ ପଥ ତିଆରି କରିବ ।



ଧାରାବାହିକ ଉପନ୍ୟାସ

# ଦୂରନ୍ତ ଶିଖା

ଭାଗ-୨୯



ଡ.ସିନ୍ଧୁ ସେନ୍

## || ଚଉଦ ||

ଯୁଗେଯୁଗେ ମଣିଷ ବଞ୍ଚିବା ପାଇଁ ସଂଘର୍ଷ କରିଛି । ସୃଷ୍ଟିର ପ୍ରାରମ୍ଭରୁ ମଣିଷ ଯେତେବେଳେ ବଣ, ଜଂଗଲରେ ଘୂରି ବୁଲୁଥିଲା । ପଶୁସମ ଜୀବନଯାପନ କରୁଥିଲା । ନିଜକୁ ଏକ ଜଂଗଲୀ ପଶୁଭଳି ବିବେଚନା କରୁଥିଲା । ସେତେବେଳେ ନା ଥିଲା ତା ପାଖରେ ସ୍ଥାୟୀ ବାସ, ଖାଦ୍ୟ ଅବା ବସ୍ତ୍ର । ଏସବୁ ମଧ୍ୟ ଥିଲା ତା ପାଖରେ ଅଜ୍ଞାତ। ସେଦିନ କେବଳନିଜର ପେଟର କ୍ଷୁଧାକୁ ଉପଶମ କରିବା ପାଇଁ ବଣରୁ ସଂଗୃହୀତ ଫଳ, ମୂଳ, ଆଦିକୁ ଭକ୍ଷଣ କରୁଥିଲା । କ୍ରମେକ୍ରମେ ଖାଦ୍ୟ ପାଇଁ ପଶୁ,ପକ୍ଷୀ ଆଦି ବନ୍ୟଜନ୍ତୁ ମାନଙ୍କ ଉପରେ ନିର୍ଭର କରିବାକୁ ପଡ଼ିଲା । ଆଉ ତାପରେ ଶିକାରର ପନ୍ଥାକୁ ଅବଲମ୍ବନ କଲା । ଶିକାର ତେଣୁ ଏବେକାର ନୁହେଁ, କାହିଁ କେଉଁ କାଳରୁ ପ୍ରଚଳିତ ହୋଇ ଆସୁଛି ଏହାର ପ୍ରକ୍ରିୟା । ଦୁର୍ବଳ ଉପରେ ସବଳର ଶକ୍ତି ପ୍ରୟୋଗ କରିବା ତାହା ତ ଏକ ଆଦିମ ଅଭ୍ୟାସ । ଏହା କେବଳ ମାନବ ସମାଜ ପାଇଁ ପ୍ରଯୁଜ୍ୟ ନୁହେଁ, ପ୍ରତ୍ୟେକ ପଶୁପକ୍ଷୀ, ଜୀବଜନ୍ତୁ ମାନଙ୍କ ଠାରେ ଏହି ଶିକାର କରିବାର ଅଭ୍ୟାସ । ଶିକାର ତେଣୁ ଜଗତର ରୀତି । ବଡ଼ ଜନ୍ତୁଟିଏ ଶିକାର କରିବ ସାନଜନ୍ତୁକୁ ଆଉ ସାନଜନ୍ତୁ ଶିକାର କରିବ ତା ଠାରୁ ଆହୁରି ସାନଜନ୍ତୁକୁ । ବାଘ ଯଦି ନିଜର ଖାଦ୍ୟ ପାଇଁ ହରିଣକୁ ଶିକାର କରିବ ତେବେ ହରିଣ ମଧ୍ୟ ତାର ଖାଦ୍ୟ ପାଇଁ ଆଉ କିଛି ଶିକାର କରିବ । ତେଣୁ ଏହି ଶିକାରର ଚକ୍ର ଅନବରତ ଗଡ଼ି ଚାଲିଥିବ । ଶିକାର କ୍ରମଶଃ ବଢ଼ି ଚାଲିଥିବ ମାତ୍ର କମୁ ନଥିବ। ତେଣୁ ବିନା ଶିକାରରେ ଜଗତର ସ୍ଥିତି କାହିଁ ?

ମୋ ମନରେ ମଧ୍ୟ ଦିନେ ଶିକାର ପାଇଁ ନିଶା ଉଦ୍ରେକ ହୋଇଥିଲା । ନିଜକୁ ଖୁବ୍ ବଳଶାଳୀ ବୋଲି ମନେ କରୁଥିଲି । ତେଣୁ ମୋ ଭଳି ଜଣେ ଶକ୍ତିଶାଳୀ ନିଜର ଶିକାର ପାଇଁ ଦୁର୍ବଳ ଉପରେ ଦୃଷ୍ଟି ନପକାଇବ କେମିତି ? ମୋ ପରି ଜଣେ ଶିକାରୀ ମନୋବୃତ୍ତି ସମ୍ପନ୍ନ ବ୍ୟକ୍ତି ନିଜସ୍ୱ ଇଚ୍ଛାକୁ ପୂରଣ କରିବା ପାଇଁ ମପରେ ଅଭୀପ୍ସା ରଖିବନି କେମିତି ?

ସେଦିନ ମୁଁ ଲଙ୍କାର ବିସ୍ତୀର୍ଣ୍ଣ ଜଂଗଲ ମଧ୍ୟରେ ଘୂରି ବୁଲୁଥିଲି । ଜଂଗଲୀ ରାସ୍ତାର ଦୁଇ ପାର୍ଶ୍ୱରେ ଧାଡ଼ିଧାଡ଼ି ଶାଳବଣ । ଝରା ଶାଳଫୁଲର ପାଖୁଡ଼ା ବିଛୁଡ଼ି ପଡ଼ିଥିଲା ପଥଚଲା ରାସ୍ତାଧାରରେ । ମୋ ରଥ ଆଗେଇ ଚାଲିଥିଲା ରଥର ଚକତଳେ ଚାପି ହୋଇ ଯାଉଥିଲା ସଦ୍ୟ ପ୍ରସ୍ଫୁଟିତ ଶାଳଫୁଲର ସ୍ତବକ। ଅଦୂରରେ ରାକ୍ଷସ କୁମାରୀ ମାନଙ୍କର ଶାଳପତ୍ର ଗୋଟାଇବାର ଦୃଶ୍ୟ । ତାରି ମଧ୍ୟରେ ନିଜନିଜ ମଧ୍ୟରେ ଆମୋଦ ପ୍ରମୋଦରେ ମଜ୍ଜିଯାଇ ଶୁଭୁଥିଲା ସେମାନଙ୍କ ଖିଲିଖିଲି ହସ । ରଥକୁ କିଛିସମୟ ଅଟକାଇ ମୁଁ ସେସବୁର ମଜା ନେଉଥିଲି । ଆଗରେ ଝରଣା, ଯେଉଁଠି ମୋ ରଥ ଅଟକି ରହିଥିଲା । ଝରଣାର କଳକଳ ଛଳଛଳ ଧ୍ୱନି ମୋତେ ଆମୋଦିତ କରୁଥିଲା। ନାନା ରଂଗ ବେରଂଗର ଅଗଣିତ ପକ୍ଷୀ । ନିଜ ମନକୁ ସଂଯତ କରି ପାରିଲି ନାହିଁ । ହାତରେ ଧନୁଶର ନେଇ ରଥରୁ ଓହ୍ଲାଇ ଝରଣା କୂଳର ଏକ ପଥର ଉପରେ ବସି ପଡ଼ିଲି । ମନରେ ଉଦ୍ରେକ ହେଲା ଅନେକ ଭାବନା, ଏହିଠାରୁ ହିଁ ମୋର ପ୍ରଥମ ଶିକାର ଆରମ୍ଭ କଲେ କ୍ଷତି କ'ଣ? ପର ମୁହୂର୍ତ୍ତରେ ଭାବିଲି ମୁଁ ଏବେ ଲଙ୍କାର ରାଜା । ରାଜା ହିସାବରେ ଲଙ୍କାର ସମସ୍ତ ପ୍ରଜାମାନଙ୍କୁ ସୁରକ୍ଷା ଦେବା ମୋର କର୍ତ୍ତବ୍ୟ । ସେ ମାନବ କି ଦାନବ ହୁଅନ୍ତୁ ଅବା ପଶୁପକ୍ଷୀ । ତାଛଡ଼ା ଏ ନିରୀହ ପକ୍ଷୀମାନେ ମୋର ତ କିଛି କ୍ଷତି କରିନାହାନ୍ତି କି ଏମାନେ ମୋର ଶତ୍ରୁ ମଧ୍ୟ ନୁହଁନ୍ତି । ତେଣୁ ଏମାନଙ୍କୁ ଶିକାର କରିବାରେ ମୋ ମନରେ ଏତେ ଆକାଂକ୍ଷା କାହିଁକି ? ପରମୁହୂର୍ତ୍ତରେ ଭାବିଲି ମୁଁ ରାବଣ, ବିଶ୍ୱବିଜେତା ହେବା ଯାହାର ଲକ୍ଷ୍ୟ ସେ ପୁଣି ଏଇ ବିହଙ୍ଗ ମାନଙ୍କ ପାଖରେ ଏତେ ଦୁର୍ବଳ । ନା ନା ମୋ ମନୋବଳକୁ ଦୃଢ଼ କରିବାକୁ ହେବ । ଆଗାମୀ ଭବିଷ୍ୟତରେ ମୋର ଲକ୍ଷ୍ୟ ତ ଅନେକ ।

ଏମିତି ଅନେକ କିଛି ଦାର୍ଶନିକ ଚିନ୍ତାରେ ଭାବମଗ୍ନ ଥିବା ବେଳେ କାନରେ ବାଜିଲା ଏକ କରୁଣ ଧ୍ୱନି । ଭଲ ରୂପେ କାନଡେରି ଶୁଣିଲି ଏ ଧ୍ୱନି ତ ଏକ କ୍ରନ୍ଦନ ଧ୍ୱନି । ତାହା ପୁଣି ଏତେ କରୁଣ । ନିଶ୍ଚୟ ଏ କ୍ରନ୍ଦନ ଜଣେ ନାରୀର । ନିର୍ଜନ ବନଭୂମିରେ ଏମିତି ଧ୍ୱନି ମୋ ଭିତରେ କମ୍ପନ ତୋଳୁଥିଲା । ଆହୁରି ଭଲରୂପେ ଶୁଣିବାକୁ ଚେଷ୍ଟା କଲି । ଅନୁମାନ କଲି ଏ ଧ୍ୱନି ଆସୁଛି ଝରଣା କୂଳରୁ । ହୁଏତ ଝରଣା ନିକଟସ୍ଥ କୌଣସି ଏକ ତଟଦେଶରେ ନାରୀଟିଏ ବିପଦରେ ପଡ଼ି ଅସହାୟ ଭାବେ କ୍ରନ୍ଦନ କରୁଛି । କାଳବିଳମ୍ବ ନକରି ସେଇ ଧ୍ୱନିର ଗତିପଥ ଆଡ଼େ ଆଗେଇଗଲି । ଓଃ କି ବିଚିତ୍ର କି ଅଦ୍ଭୁତ । ନାରୀଟିର କ୍ରନ୍ଦନର କାରଣ ଏବେ ମୋ ନିକଟରେ ସ୍ପଷ୍ଟ ହୋଇଗଲା । ନାରୀଟି ଝରଣା ଜଳରେ ନିଜକୁ ବେକ ପର୍ଯ୍ୟନ୍ତ ବୁଡ଼ାଇ ରଖିଥିଲା ଆଉ ଗଛ ଡାଳରେ ହନୁମାନଙ୍କଡ଼ଟିଏ ଖେଡେଇ ହେଉଥିଲା ତାକୁ। ମାଙ୍କଡ଼ ହାତରେ ତରୁଣୀର ପିନ୍ଧାବସ୍ତ୍ର । ଯେଉଁ ବସ୍ତ୍ର ଦେବାପାଇଁ ତରୁଣୀଟି ବିକଳରେ ମାଙ୍କଡ଼କୁ ଅନୁନୟ କରୁଥିଲା । ଆଉ ଅସହାୟତାରେ କ୍ରନ୍ଦନ କରୁଥିଲା । ମୋ ହାତରେ ଅସ୍ତ୍ର । ଚାହିଁଲେ ମୁଁ ମାଙ୍କଡ଼କୁ ଗୋଟିଏ ଶରରେ ତଳେ ପକାଇ ଦେଇପାରେ । ମାତ୍ର ବିଚରା ମାଙ୍କଡ଼ ଏଇ ସାମାନ୍ୟ ଦୋଷରେ ତା ପାଇଁ ମୃତ୍ୟୁଦଣ୍ଡ ଠିକ୍ ନୁହେଁ । ତାଛଡ଼ା ତରୁଣୀଟିର ବସ୍ତ୍ର ଦରକାର । ତେଣୁ ମାଙ୍କଡ଼ର ଦଣ୍ଡକୁ କିଛିଟା କୋହଳ କରି ତାକୁ ଭୟଭୀତ କଲି । ବାସ୍ ଏତିକିରେ ତରୁଣୀର ପିନ୍ଧାବସ୍ତ୍ର ତଳେ ଖସିପଡ଼ିଲା । ଲକ୍ଷ୍ୟକଲି ହାତଯୋଡ଼ି ମୋ ପ୍ରତି କୃତଜ୍ଞତା ଭଂଗୀରେ ସେ ଠିଆ ହୋଇଛି । ସେହି ଜଳ ମଧ୍ୟରେ ବିମ୍ବିତ ହେଉଥିବା ତରୁଣୀର ମୁଖମଣ୍ଡଳର ସୌନ୍ଦର୍ଯ୍ୟ ମୋ ପୁରୁଷ ମନକୁ ଆନମନା କରି ତୋଳୁଥିଲା। ଚେଷ୍ଟାକରି ବି ମୁଁ ନିଜକୁ ସଂଯତ କରି ପାରୁନଥିଲି । ବରଂ ବାରମ୍ବାର ଅନ୍ୟମନସ୍କ ହୋଇ ପଡୁଥିଲି ।

ନା ନା ମୁଁ ଲଙ୍କାର ରାଜା । ପ୍ରଜାକୁଳକୁ ସୁରକ୍ଷା ଦେବା ମୋର କର୍ତ୍ତବ୍ୟ । ତାଛଡ଼ା ଇଏ ତ ଜଣେ ନାରୀ । ନାରୀର ସମ୍ମାନ, ଇଜ୍ଜତ ରକ୍ଷା କରିବା କେବଳ ମୋର କାହିଁକି, ସମଗ୍ର ମାନବ ସମାଜର ପ୍ରଥମ ଏବଂ ପ୍ରଧାନ କର୍ତ୍ତବ୍ୟ । ଆଉ ମୁଁ ଜଣେ ରାଜା ହୋଇ ଏହାକୁ ଉଲ୍ଲଙ୍ଘନ କରିବା ଉଚିତ ହେବନି । ଭାବିଲି ତରୁଣୀ ଜଣକ ବୋଧହୁଏ ମୋ ସାମ୍ନାରେ ନିଜର ବସ୍ତ୍ର ପିନ୍ଧିବାକୁ ଲଜ୍ଜା କରୁଥାଇ ପାରେ । ତେଣୁ ତାକୁ ସହଜ କରିବା ପାଇଁ କହିଲି ଦେଖ ମୁଁ ଦୂରକୁ ଯାଉଛି ତୁମେ ଏବେ ନିଃସଂକୋଚରେ ବସ୍ତ୍ର ପିନ୍ଧ । ମୁଁ ସିନା ମୁହଁରେ ଏତକ କହିଦେଲି । ହେଲେ..... ଯେତେ ଯାହା ହେଲେ ବି ପୁରୁଷ ମନ ତ, ନିଜ ଆଦର୍ଶକୁ ଯେତେ ଟାଣ କରିଲେ ବି ତରୁଣୀଟି ପାଖରେ ଦୁର୍ବଳ ହୋଇପଡୁଥିଲି । ତାର ଅଜାଣତରେ ତେଣୁ ଦୂରକୁ ଆସି ମଧ୍ୟ ପଛକ ଅନାଇ ତାର ଯୌବନ ଭରା ଅଂଗଲତାକୁ ନିରୀକ୍ଷଣ କରୁଥିଲି । ମୋ ଜୀବନରେ ପୂର୍ବରୁ ମୁଁ ଅନେକ ନାରୀଙ୍କୁ ଦେଖିଛି । ପିଲାଦିନେ ଲୁଚକାଳି ଖେଳିଛି ରାକ୍ଷସ କୁମରୀ ମାନଙ୍କ ସହ । ନୃତ୍ୟ ମଧ୍ୟ କରିଛି ମେଳା ମହୋତ୍ସବରେ । ହେଲେ ଏ ତରୁଣୀ ଜଣକ ପ୍ରତି ମୋର ଏତେମାତ୍ରାରେ ଆକର୍ଷଣ କାହିଁକି ବଢୁଥିଲା। ବାରମ୍ବାର ତାକୁ ଦେଖିବାପାଇଁ ମୋ ମନରେ କାହିଁକି ଏତେ ଉତ୍କଣ୍ଠା ଜାଗୁଥିଲା।

କାହିଁ ପୂର୍ବରୁ ତ କେବେ ଏମିତି ମୋ ସହ ଘଟିଥିବାର ମନେପଡୁନି । ହଠାତ୍ ମୋ ମନରେ ଏତେ ବ୍ୟତିକ୍ରମ କାହିଁକି ? ତେବେ କ'ଣ ତରୁଣୀଟିର ଜୀବନଗ୍ରନ୍ଥି ସହ ମୋ ଜୀବନ ଗ୍ରନ୍ଥିର କିଛି ଯୋଗସୂତ୍ର ରହିଛି ? ନହେଲେ ତାର ପ୍ରଥମ ଦର୍ଶନରେ ମୁଁ ଏତେ ଉତ୍‌ଫୁଲ୍ଲିତ କ'ଣ ପାଇଁ ? ମୁଁ କଣ ସତରେ ତାକୁ ଭଲପାଇ ବସିଥିଲି । ନହେଲେ ତରୁଣୀଟର ମୁଖମଣ୍ଡଳ ମୋ ହୃଦୟ ଦର୍ପଣରେ ବାରମ୍ବାର ପ୍ରତିବିମ୍ବିତ ହେଉଛି କାହିଁକି ? ମୋତେ ଯେମିତି ମନେହେଉଥିଲା ମୋ ଚାରିପଟେ ତରୁଣୀଟି ଯେମିତି ଘୂରିବୁଲୁଛି ଆଉ ମୁଁ ତାକୁ ଧରିବାକୁ ପ୍ରୟାସ କରି ତାରି ପଛେପଛେ ଘୂରୁଛି । ଆମ ଦୁଇଜଣଙ୍କ ଏ କାଳ୍ପନିକ ଲୁଚକାଳି ଖେଳ ମୋତେ ବି କିଛିସମୟ ଧରି ଆବୋରି ବସିଥିଲା । ମୁଁ ଚେଷ୍ଟା କରି ବି ତା ଆଡୁ ମୁହଁ ଫେରାଇ ନେଇପାରୁ ନଥିଲି ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫

# ଠକାମୀ ପଇସା ମେଡିକାଲ ଖାଏ

ଦିପ୍ତିମୟୀ ନାୟକ

ଯେତେ ଧନ ସେତେ ଲୋଭ ଅର୍ଥାତ ଆଜିକାଲି ଯାହାର ଯେତେ ଅଧିକ ଧନ ଅଛି ସେ ସେତେ ଅଧିକ ଅନ୍ୟର ଧନ ଉପରେ ଲୋଭ ବଳାଇଥାଏ । ସେଥିପାଇଁ ଆଜିର ଦୁନିଆରେ ଧନ ବଳରେ ମାନ କମେଇ ହେଉଛି କିନ୍ତୁ ମାନବିକତା ରହୁନି । ସବୁ ଲୋକ ସମାନ ନୁହଁନ୍ତି କିନ୍ତୁ କିଛି ଲୋକ ଅନ୍ୟର ଧନ ଉପରେ ଆଖି ବଳାଇ ନିଜକୁ ପ୍ରତିଷ୍ଠିତ ବ୍ୟକ୍ତି ସଜାଉଛନ୍ତି। ହେଲେ ଏହି ପ୍ରତିଷ୍ଠିତ ବ୍ୟକ୍ତିମାନେ ଅନ୍ୟର ଧନ କେତେ ଲୁଟିଛନ୍ତି ତାହାର ହିସାବ ନଥାଏ । ଧନୀ ବ୍ୟକ୍ତିଙ୍କ ତାଲିକା ବଢିଲେ କଣ ହେଲା ଆଜିବି କିଛି ଧନୀ କାଙ୍ଗାଳଙ୍କ ଭଳି ହେଉଛନ୍ତି । ତେଣୁ ଏମାନଙ୍କୁ କାଙ୍ଗାଳଙ୍କ ତାଲିକାରେ ଅନ୍ତର୍ଭୁକ୍ତ କରାଗଲେ କିଛି ଭୁଲ ହେବନି କାହିଁକି ନା ଯିଏ ଅନ୍ୟର ପାରିଶ୍ରମିକ ଖାଏ ସେ କେବେ ଧନୀ ହୋଇପାରେନି ବରଂ ସେ ଜଣେ ଟଙ୍କା କାଙ୍ଗାଳ ହୋଇଥାଏ। ନିଜ ରୋଜଗାରକୁ ଖାଇ ଅନ୍ୟର ରୋଜଗାରକୁ ମଧ୍ୟ ଖାଇଦିଏ ଆଉ ମନେ ମନେ ଭାରି ଖୁସି ହୁଏ ଅନ୍ୟର ଟଙ୍କାକୁ ନିଜ ପକେଟରେ ସାଇତି ରଖିଛି କିନ୍ତୁ ସେ ଭୁଲିଯାଏ ଯିଏ ଅନ୍ୟକୁ ଠକେ ସେ ସେହି ଠକାମୀର ଶିକାର ହୁଏ ।

ଆଜିକାଲି ଦୁନିଆରେ ଯେତିକି ପରିବାର ପାଇଁ ସମସ୍ତଙ୍କ ମନ ପସନ୍ଦର ଜିନିଷ ନେଇ ହେବ କିନ୍ତୁ ଚାକିରୀ ଛାଡ଼ିବା ଛଡା ଅନ୍ୟ କିଛି ରାସ୍ତା ନଥାଏ ଆଉ ସେ କର୍ମଚାରୀ ଜଣକ ଚାକିରୀ ଛାଡିଲେ । ଗୋଟେ ଦୀର୍ଘ ନିଶ୍ୱାସ ନେଇ କହିଲେ ହେ ପ୍ରଭୁ, ମୁଁ ଏତେ କଷ୍ଟ କଲି ହେଲେ ଦରମା ଦେଲା ବେଳକୁ କିଛି ନାହିଁ । ଲୋକ ଏମିତି ଅନ୍ୟକୁ କାହିଁକି ଠକନ୍ତି । ଯଦି ମାଲିକର ସେତିକି ଦରମା ଦେବା ସମ୍ଭବ ନଥିଲା ତେବେ ମାଲିକ ଏତେ ବଢ଼େଇ ଚଢେଇ କହିକି କାହିଁକି ମୋତେ ଠକିଦେଲା ତେବେ ଏ ଠକାମୀ ପଇସା ସେ ଯେମିତି ଉପଭୋଗ କରିନପାରୁ ଏ ପଇସା ମେଡିକାଲ ଖାଉ ।

ତେବେ କଥାରେ ଅଛି ଠକାମୀ ପଇସା ମେଡିକାଲ ଖାଏ ଆଉ ସତକୁ ସତ ସେୟା ହିଁ ହେଲେ ମାଲିକଙ୍କ ପୁଅର ଦୁର୍ଘଟଣା ହେଲା କଟକ ମେଡିକାଲରେ ଚିକିତ୍ସା ହେଉଥିଲା ମାଲିକ ଆଖିରେ ମଧ୍ୟ ଲୁହବି ଥିଲା କିନ୍ତୁ ଯେତେବେଳେ ଏହି ଖବର ସେହି କର୍ମଚାରୀ ଜଣକ ଶୁଣିଲେ ତାଙ୍କୁ ଦୁଃଖ ଲାଗିଲା । ତଥାପି ସେ ଅନ୍ୟ ଜଣେ କର୍ମଚାରୀଙ୍କୁ କହିଲେ ମୋ ଦରମା ସିନା କାଟିଦେଲେ ବିଲକୁଲ ଦେଲେନି ହେଲେ ଏବେ ଦେଖ ମୋ ଦରମା ପଇସା ତାଙ୍କ ପୁଅ ଚିକିତ୍ସାରେ ଲାଗୁଛି । ସେଇଠୁ ଅନ୍ୟଜଣେ କର୍ମଚାରୀ କହିଲେ ଦେଖ ସେମିତି କହନି କାହା ଦୁଃଖ ବେଳେ ଏମିତି କଥା କହିବା ଆଦୌ ଉଚିତ ନୁହେଁ । ହେଲେ ସେ କର୍ମଚାରୀ ଜଣକ କହିଲେ ଆରେ ମୋତେ ବି ଦୁଃଖ ଲାଗୁଛି କିନ୍ତୁ ମୁଁ ବାଧ ହେଉଛି ଏ କଥା ଏଠି କହିବା ପାଇଁ ଯିଏ ଅନ୍ୟର ଅର୍ଥ ଠକେ ନିଜେ ସେହି ଠକାମୀର ଶିକାର ହୁଏ । କେହି କାହାକୁ ଠକିଦେଲେ ସେ କୋଟିପତି ହୋଇଯାଏନି ବରଂ ମାଲିକ ବଦଳେ ହେଲେ ମାଲିକ କିଭଳି ଠକ ଲୋକ ଥିଲା ସେଟା ମନେ ରହିଯାଏ ।



ଦରଦାମ ବଢିଛି ପରିବାର ଚଳେଇବା ବହୁତ କଷ୍ଟକର ହୋଇପଡୁଛି । ମଣିଷର ଆବଶ୍ୟକତା ଅନୁଯାୟୀ ଦରଦାମର କିଛି ତାଳମେଳ ରହୁନି । ତଥାପି ମଣିଷ ମୁଣ୍ଡ ଝାଳ ତୁଣ୍ଡରେ ମାରି ପରିଶ୍ରମ କରୁଛି । ଦୁଇପଇସା ରୋଜଗାର ଆଶାରେ କେତେ ପରିଶ୍ରମ କରୁଛି କେବଳ କଷ୍ଟ କରୁଥିବା ମଣିଷ ହିଁ ଜାଣିଛି । ହେଲେ ଧନ ମାନ ଥିବା ଲୋକ କେତେ ଛୋଟ କାମ କରନ୍ତି ତାହା ଅନ୍ୟମାନେ ନୁହେଁ ଯେଉଁମାନେ ଠକାମୀର ଶିକାର ହୋଇଥାନ୍ତି ସେହିମାନେ ହିଁ ଜାଣିଥାନ୍ତି କାରଣ ଏ ଧନୀ ଲୋକ କିଛି ନିରୀହ ଲୋକଙ୍କ ସରଳତାର ସୁଯୋଗ ନେଇ ଠକି ଚାଲନ୍ତି ଆଉ ବାହାରକୁ ବାହାରିଲେ ମୁଣ୍ଡ ଉପରକୁ କରି ନିଜ ଷ୍ଟାଟସ ମେଣ୍ଟେନ କରି ବାଟ ଚାଲନ୍ତି ।

ଥରେ ଭାବନ୍ତୁ ଯେଉଁ ଧନୀ ଲୋକମାନେ ନିଜକୁ ଧନୀ କହି ଅନ୍ୟକୁ ଠକନ୍ତି ସେମାନେ ସତରେ କଣ ଧନୀ ହୋଇପାରନ୍ତି ମୁଁ ତ କହିବି ଏମାନେ ଜଣେ ଜଣେ ଲୁଟେରା । ଗରିବଙ୍କୁ ଲୁଟି ନିଜର ପଦ ମର୍ଯ୍ୟାଦା ବଢ଼େଇଛନ୍ତି । ନହଲେ ଏମିତି ଏମାନେ ଏତେ ଛୋଟ କାମ କରିପାରନ୍ତେ ଆଉ କାହିଁକି ଗରିବ ଟଙ୍କାକୁ ଲୁଟି ଖାଆନ୍ତେ । ଗରିବ ଲୋକ ତ କେବେ ଅନ୍ୟକୁ ଲୁଟେନି ବରଂ ସେ ଯେତିକି ରୋଜଗାର କରେ ସେତିକିରେ ସନ୍ତୁଷ୍ଟ ଥାଏ କିନ୍ତୁ ଧନୀ ଯେତେ ଗରିବଙ୍କୁ ଲୁଟେ ସେ ସେତିକି ଅସନ୍ତୁଷ୍ଟ ଥାଏ । ତେବେ ଗରିବ ହୁଅନ୍ତୁ କି ସାଧାରଣ ଲୋକ କିଛି ଧନୀ କେବଳ ଲୁଟିବା ପାଇଁ ଅଛନ୍ତି । ଧନର ଆବଶ୍ୟକତା ସମସ୍ତଙ୍କର ଥାଏ କିନ୍ତୁ କାହା ଆବଶ୍ୟକତାକୁ ଜାଣି ମଧ୍ୟ ସେମାନଙ୍କୁ ଲୁଟି ନିଜ ପକେଟ ଗରମ କରିବା କେତେ ଠିକ ଏକଥା ଆପଣମାନେ ବିଚାର କରନ୍ତୁ।

କିଛି ଦିନ ତଳେ ଜଣେ କର୍ମଚାରୀଙ୍କ ସହ ଭେଟ ହେଲା ଏବଂ ତାଙ୍କ ସହ ଅନେକ କଥା ହେବାପରେ ଜାଣିବାକୁ ପାଇଲି ମାଲିକ ଟିକେ ଟାଉଟର ଲୋକ । ମାଲିକ ପିଲାଙ୍କୁ ଚାକିରୀ ଦେବା ପୂର୍ବରୁ ପିଲାଙ୍କ ଚାହିଦା ଅନୁଯାୟୀ ଦରମା ଦେବ ବୋଲି କହିଥାନ୍ତି ଆଉ ପିଲା ଚାକିରୀ କରି ସାରିବା ପରେ ଦରମାର ୨୫ ପ୍ରତିଶତ ଦେବ ବୋଲି କହିଥାନ୍ତି ଯାହାଫଳରେ ନା ଏଥିରେ ନିଜ ଆବଶ୍ୟକତା ପୂରଣ କରିହେବ ନା

ଯେତେବେଳେ ମୁଁ ଏକଥା ଶୁଣିଲି ସେତେବେଳେ ମୁଁ ମଧ୍ୟ କହିଲି ହଁ ଆପଣ ଠିକ କହିଛନ୍ତି ଯିଏ ଅନ୍ୟକୁ ଅଶାନ୍ତି ଦିଏ ସେ କେବେ ଶାନ୍ତିରେ ରହିପାରେନି । ସବୁବେଳେ ସମସ୍ତେ ଅନ୍ୟକୁ ଶାନ୍ତିରେ ରଖିଲେ ନିଜେ ଶାନ୍ତିରେ ରହିବ । କେହି କାହାକୁ ଠକିବେନି ଯଦି ଏ କର୍ମଚାରୀ ମଧ୍ୟ କହିବନି ଆମ ମାଲିକ ଠକ ଲୋକ ଥିଲା । ମାଲିକ କର୍ମଚାରୀଙ୍କୁ ଠକୁଛି ବୋଲି ମାଲିକ ଠକ ମାଲିକର ଉପାଧି ପାଇଛି। ନଚେତ ଆଜିର ଦୁନିଆରେ ଏମିତି କିଛି ମାଲିକ ଅଛନ୍ତି ଯେଉଁମାନଙ୍କ ପାଖରେ ଅର୍ଥ ବଳ ଥାଏ ସେମାନେ ଏମିତି ଅନ୍ୟକୁ ଛୋଟ କର୍ମଚାରୀ ଭାବନ୍ତିନି ବରଂ ସେହି କର୍ମଚାରୀ ମାନଙ୍କୁ ଗୋଟେ ପରିବାରର ସଦସ୍ୟ ବୋଲି ଭାବିଥାନ୍ତି ସେହିପାଇଁ ତ ଏ ମାଲିକ ମାନଙ୍କ ମନରେ କର୍ମଚାରୀଙ୍କ ଗୋଟେ ଅନନ୍ୟ ଭଲପାଇବା ଥାଏ କିନ୍ତୁ ଠକ ମାଲିକଙ୍କ ପାଇଁ କେବଳ ଘୃଣା ରହିଥାଏ। କିଏ ମାନିଲେ ମାନନ୍ତୁ ନହଲେ ନାହିଁ କିନ୍ତୁ କିଛି ଠକ ମାଲିକଙ୍କ ପାଇଁ ଆଜିବି ଅନେକ କର୍ମଚାରୀ ଠକାମୀର ଶିକାର ହେଉଛନ୍ତି ।

ତେଣୁ ଏହିଭଳି ଠକ ଲୋକ ଠକ ସଂସ୍ଥା ଠାରୁ ଦୂରେଇ ରୁହନ୍ତୁ । ଅନ୍ୟକୁ ସତର୍କ କରୁଥାଆନ୍ତୁ ଯେମିତି ଆପଣଙ୍କ ପରେ ଆଉ କୌଣସି କର୍ମଚାରୀ ଠକାମୀର ଶିକାର ନହୁଅନ୍ତୁ ।

+ଅନ୍ଧାରୁଆ, ଭୁବନେଶ୍ୱର
ମୋ: ୯୦୯୦୬୬୧୫୮୬



## ସମୟର ସ୍ୱର

ଅଳକା ରାୟ

ସମୟର ସ୍ୱର ପରିବର୍ତ୍ତନଶୀଳ
ବଦଳେ ସମୟ ସହିତ ବାର ବାର
ଦେଶକୁ ଦଶକୁ ବୁଝୁଥିବା ଆତ୍ମାଟି ପାଇଁ
ଚଲାପଥରେ ଆସେ ବିଭିନ୍ନ ମୋଡ
ଆଉ ସେ ମୋଡ ହିଁ ଉପଲବ୍ଧି କରାଏ

କେତେବେଳେ ରାଜସିଂହାସନ ତ
କେତେବେଳେ ଦେଶାନ୍ତର।

ଚାଲିଛି ହିଂସାକାଣ୍ଡ
ରାଜରାସ୍ତାରେ ବିକ୍ଷୋବକାରି ନାଗରିକ
ପାର୍ଲିଆମେଣ୍ଟରେ ପଶିଛନ୍ତି
କିଛି ଅର୍ବାଚିନ ଯୁବକ
ସଂରକ୍ଷଣର କରାଳ ଆଁରେ
ଧ୍ୱଂସ ବିଧ୍ୱଂସ ଏକ ଦେଶ।

ବିଧ୍ୱଂସକାରୀ ଅସ୍ତ୍ରଶସ୍ତ୍ର ରେ
ଟଳିପଡୁଛି ମନ୍ଦିର,
ଜଳୁଛି ଘର,ଚୂର୍ଣ୍ଣ ବିଚୂର୍ଣ୍ଣ ପ୍ରତିମୂର୍ତ୍ତିମାନ
ଦେଶପ୍ରେମ ନିଆଁରେ
ଜାତିନୁହେଁ, ମାନବ ଖୋଜୁଛି ସଂରକ୍ଷଣ।

ପରିବାର ହରାଇ ଦେଶ ଗଢିଥିବା
ଦେଶାଧିକାରିଣୀଙ୍କୁ ମିଳିଳାନାହିଁ ପାଦେ ଜମି
ନିୟତିର କ୍ରୁରତାରେ ପଳାତକର ମୁକୁଟ ଓଢୀ
ଆଶ୍ରୟ ନେଇଛନ୍ତି ପଡୋଶୀଙ୍କ ଆଶ୍ରିତ ସାଜି।

ଧନ ନୁହେଁ ମନ,ଅସ୍ତ୍ର ନୁହେଁ ସ୍ନେହ ବନ୍ଧନ
ପ୍ରତିଶୋଧ ନୁହେଁ ସମର୍ପଣ
ତାନାସାହି ନୁହେଁ ସହଯୋଗାତ୍ମକ
ନିର୍ବାଚିତ ପ୍ରତିନିଧିଙ୍କ ସଂଖ୍ୟାରେ
ଚାଲେନାହିଁ ଦେଶର ନାବ
କେବେ ବୁଝିବେ ଦେଶର ପ୍ରତିନିଧିଗଣ।

ସାଢି ନେଇ ଯାଉଥିବା ସ୍ୱାନ କି ଜାଣେ
ପାର୍ଲିଆମେଣ୍ଟର ଚୌକିର ମୂଲ!!
ସେ କି ଜାଣେ
କେମିତି ଗଢାହୁଏ ଆସନ.....!!

+ମୋ: ୭୯୭୮୩୩୨୦୬୧

## ଅଦିନିଆ ବର୍ଷା

ଡଃ ମାଙ୍ଗଳିକା ମହାପାତ୍ର




ଅଦିନିଆ ବର୍ଷା
କେମିତି ଚିହ୍ନା ଚିହ୍ନା ଲାଗୁଛି
ଅତୀତର ସବୁ ସ୍ମୃତି ପରି
ତାର ପ୍ରତିଟି ବିନ୍ଦୁରେ ଅଙ୍କୁରୁଛି
ହଁ .. ଇଏ ତ ସେଇ ବର୍ଷାର ବିନ୍ଦୁ
ଯେଉଁ ବିନ୍ଦୁ ଦିନେ ଭିଜାଇଥିଲା
ମୋର ପିନ୍ଧା ଶାଢ଼ୀକୁ ..
ଫୁଲ ତୋଳି ଗଲାବେଳେ ସକାଳୁ ସକାଳୁ
ଓଦା ସରସର ଦେହ ନେଇ
ଯାଇଥିଲି ତୁମ ବଗିଚାକୁ
ମୋ ଫୁଲ ତୋଳା ଦୃଶ୍ୟକୁ
ତୁମେ ଉପଭୋଗ କରୁଥିଲ
ଭୁଲିଯାଇ ପ୍ରାତ ଭ୍ରମଣକୁ
ସବୁ ଭାବନାର ପୂର୍ଣ୍ଣଚ୍ଛେଦ ଟାଣି
କଅଁଳ ଖରାର ତାତି ଛୁଇଁ
ଯାଇଥିଲା ତୁମ ଦେହକୁ
ମୁଁ ଖାଲି ତୋଳୁଥିଲି ଫୁଲକୁ
ବର୍ଷା ଆଉ ଖରାର କିରଣ
ଫାଙ୍କରୁ ଚାହୁଁଥିଲି ତୁମକୁ
ଦୋଳାୟିତ ବୃନ୍ତଚ୍ୟୁତ ପତ୍ରଟିଏ ପରି
ଅନେକ ମୌସୁମୀ ସକାଳ
ଆଣିଛି ଏ ଦେହେ କେତେ ଯେ କମ୍ପନ
ଭିଜେଇଛି ସାରା ଦେହ ମନ
ହେଲେ ଏଯାଏ ଫେରିନି
ସେ ଉଷୁମ୍ ସକାଳ ।

+ରେଭେନସା ବିଶ୍ୱବିଦ୍ୟାଳୟ

## ବୋକି ଝିଅ

ସୁଚରିତା ମହାନ୍ତି



ଭଲପାଇବାର ବିଶ୍ୱାସଟେ କାହିଁକି ତା'
ମୁଣ୍ଡରେ ବସା ବାନ୍ଧେ କେଜାଣି
ଅନ୍ଧ ଭଳି ଭଲପାଇ ବସେ ।
କିଛି ବୁଝିବା ଆଗରୁ
ତା' ଫୁଙ୍ଗୁଳା ଦେହଟା ନର ରାକ୍ଷସଙ୍କୁ
ମହମହ ବାସେ ।
ଝୁଣିଝାଣି ଚାଟିଚୁଟି ସଫାକରି ଦିଅନ୍ତି
ଚିତା ପରି ନିମିଷେକ ଭିତରେ।

କାହାର ପଦିଏ ମିଠା କଥା ଶୁଣିଲେ
ବୋକି ଝିଅ ବୁଝିପାରେନି

ଛଳନାର ମନ୍ତ୍ର ଗୁଡ଼ିକ ଯେ ଏତେ ନିଷ୍ଠୁର
ସେ ତା' ଅଜାଣତେ ପାପ କରି ବସେ,

ସମାଜଟା ତାକୁ କଳଙ୍କିତ କରିବାକୁ
କେବେ ପଛାଏନା
ତଥାପି ତ ବାଟ ଶେଷ କରିବାକୁ ଥାଏ ବୋଲି
ଚାଲୁଥାଏ ରକ୍ତ ଜୁଡୁବୁଡୁ ପାଦ ଥାପି ଥାପି।

କେଜାଣି ବୋକି ଝିଅ ଆଉ କେବେ ଚାଲାକ୍ ହେବ
କୃକଳାଶ ମାନଙ୍କୁ
ତୁଣ୍ଡ ଖୋଲି କହିବ
ଛୁଅଁନି ମୋତେ
ତମ ପାପ ଭାର ମୁଣ୍ଡେଇବାକୁ
ମୋର ତିଳେ ଇଛା ନାହିଁ
ମୁଁ ବଞ୍ଚିବାକୁ ଚାହେଁ
ମୋତେ ବଞ୍ଚିବାକୁ ଦିଅ।

ଯଦି ପାରୁଚ ପବିତ୍ର ମନ୍ତ୍ର ଉଚ୍ଚାରଣ କରି
ମୋତେ ମୁକ୍ତ କରିଦିଅ
ମୁଁ 'ଝିଅ'
ମୋତେ ଝିଅ ହୋଇ ରହିବାକୁ ଦିଅ ।

+ମାହାଙ୍ଗା, କଟକ
ମୋ:୮୯୧୭୫୭୧୨୦୨

# ଓଡିଶା ରାଜ୍ୟ ଜଳ ଓ ପରିମଳ ମିଶନ କର୍ମଚାରୀ ସଂଘ ତରଫରୁ ପୁନଃ ନିଯୁକ୍ତି ପାଇଁ ଦାବି

ବଲାଙ୍ଗିର, ୦୭/୦୮ (ନି.ପ୍ର): ରାଜ୍ୟ ଜଳ ଓ ପରିମଳ କର୍ମଚାରୀ ସଂଘ ତରଫରୁ ସାଧାରଣ ସମ୍ପାଦକ ପ୍ରମୋଦ ବଗର୍ତି ଛଟେଇ ହୋଇଥିବା କର୍ମଚାରୀ ମାନଙ୍କୁ ପୁନଃନିଯୁକ୍ତି ପ୍ରଦାନ କରିବା ପାଇଁ ଗତ ତା ୧୫/୭/୨୦୨୪ ରେ ରାଜ୍ୟ ସରକାରଙ୍କ ଅଭିଯୋଗ ପ୍ରକୋଷ୍ଠରେ ରାଜ୍ୟର ନୂତନ ମୁଖ୍ୟମନ୍ତ୍ରୀଙ୍କୁ ଦାବୀ ଜଣାଇଥିଲେ। ଆଜି ପୁଣି ଥରେ ରାଜ୍ୟ ସରକାରଙ୍କର ଅଭିଯୋଗ ପ୍ରକୋଷ୍ଠରେ ପଂଚାୟତ ରାଜ୍ୟ ଓ ପାନୀୟ ଜଳ ଓ ପରିମଳର ନିର୍ଦ୍ଦେଶକ ଭିନିତ ଭରଦ୍ୱାଜଙ୍କୁ ଭେଟି ଦାବୀ ଜଣାଇଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ, ବିଗତ ୨୦୧୯ ମସିହାରେ ଛଟେଇ କରି ବାହ୍ୟ ସଂସ୍ଥା ଦ୍ୱାରା କାମ ଅଭିଜ୍ଞତା ଥିବା ମାନବ ସମ୍ବଳକୁ ଅନିୟମିତତା ଘେରରେ ନିଯୁକ୍ତି ପ୍ରଦାନ କରାଯାଇଛି। ଦୀର୍ଘ ୧୭ ବର୍ଷ ଧରି କାମ କରିଥିବା ଅଭିଜ୍ଞତା କର୍ମଚାରୀଙ୍କୁ ମଧ୍ୟ ନିଯୁକ୍ତି ମିଳିନାହିଁ। ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ର ଜଳ ଜୀବନ ମିଶନ ର କାର୍ଯକ୍ରମ, ସ୍ୱଚ୍ଛ ଭାରତ ମିଶନ ର ତୃତୀୟ ପର୍ଯ୍ୟାୟ ର ପ୍ରକଳ୍ପ ଆରମ୍ଭ ହେବାକୁ ଯାଉଅଛି। ଏହି ପ୍ରକଳ୍ପରେ ବର୍ତ୍ତମାନ ଅଗ୍ରାଧିକାର ଭିତିରେ ଅଭିଜ୍ଞତା ସମ୍ପନ୍ନ ଏବଂ ଜଳ ଓ ପରିମଳ ମିଶନ ର ଅଭିଜ୍ଞତା ହାସଲ କରିଥିବା କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦେବା ପାଇଁ ଦାବି ଜଣାଯାଇଛି।

# ହୀରୋସିମା ଦିବସ, କପୋତ ଉଡାୟନ ଓ ଶାନ୍ତି ଶୋଭାଯାତ୍ରା

ପୁରୀ, ୦୭/୦୮ (ନି.ପ୍ର): ଷ୍ଟେସନରୋଡ ସ୍ଥିତ ବୁଦ୍ଧ ମନ୍ଦିରରେ ହିରୋସୀମା ଦିବସ ଇଣ୍ଟରନ୍ୟାସିନାଲ ଆସୋସିଏସନ ଫର ଦି ଫିଉଚର ଅଫ ହିୟୁମ୍ୟାନିଟି ଦ୍ୱାରା ପାଳିତ ହୋଇଯାଇଛି ଓ ଅନୁଷ୍ଠାନର ପ୍ରତିଷ୍ଠତା ସ୍ୱର୍ଗତ ଡ଼କ୍ଟର ସଦାନନ୍ଦ ମିଶ୍ରଙ୍କର ଫଟୋ ଚିତ୍ରରେ ଶ୍ରଦ୍ଧାପୂର୍ବକ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା ।ବେଦପାଠ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା ଓ ଠିକ ଆଠଟା ତେର ମିନିଟରେ ହିରୋସୀମା ତଥା ୟୁକ୍ରେନ ଏବଂ ଗାଜ୍ଜାରେ ମୃତ୍ୟୁବରଣ କରିଥିବା ନିରୀହ ମାନଙ୍କ ଉଦ୍ଦେଶ୍ୟରେ ନିରବ ପାର୍ଥନା କରାଯାଇଥିଲା ଓ ଜ୍ୟୋର୍ତିବିତ ଅନାମ ସାହୁ ଅତିଥି ପାରିଚୟ ଦେବା ସହ ଅଠେଇଶ ବର୍ଷ ନୀରବଛିନ୍ନ ଭାବେ ଶ୍ରୀକ୍ଷେତ୍ରରେ ଏହି ଶାନ୍ତି କାର୍ଯ୍ୟକ୍ରମ ଜାରି ରହିଛି ବୋଲି କହିଥିଲେ ଓ ଅନୁଷ୍ଠାନର ସହ ସମ୍ପାଦକ ସମାଜସେବୀ ହେକ୍ଟର ମିଶ୍ର ସ୍ୱାଗତ ଭାଷଣ ଦେବାସହ ହିରୋସୀମାରେ ପଡ଼ିଥିବା ବିଭିଷିକା ତଥା ମଣିଷ କିପରି ଅଶାନ୍ତିକୁ ବାଛିନେଇଛି ଓ ଶାନ୍ତି ବିନା ଜୀବନ ଅସମ୍ଭବ ବିଷୟରେ ଆଲୋକପାତ କରିଥିଲେ ଓ ମଦର୍ଶ ପବ୍ଲିକ ସ୍କୁଲର ହର୍ଷିତ ମିତ୍ର ଓ ପୁରୀ କନଭେଣ୍ଟ ସ୍କୁଲର ସଂଜ୍ଞଦୀପ୍ତ ମହାନ୍ତି ଶ୍ରୀଜିତ ସିଂ ଛାତ୍ର ଜୀବନରେ ଶାନ୍ତିର ଆବଶ୍ୟକତା ଉପରେ ନିଜର ବକ୍ତବ୍ୟ ରଖିଥିଲେ ଓ ଏହି ଶାନ୍ତି ସଭାରେ ଓଡିଶା ସରକାରଙ୍କର ଓଡ଼ିଆ ଭାଷା ପ୍ରତିଷ୍ଠାନର ସ୍ୱତନ୍ତ୍ର ସଚିବ ମଧୁସୂଦନ ଦାସ , ମୁଖ୍ୟଅତିଥି ଭବେ ଯୋଗଦେଇ ପରମାଣୁରେ ପରମାୟୁର ଆଇଶ୍ୱ ଓ ମନୁଷ୍ୟ କିପରି କମ ରାସ୍ତାରେ ଗତିକରି ଶାନ୍ତି ଆପଣଉଇ ପାରିବ ବିଷୟରେ ଆଲୋକପାତ କରଥିଲେ ଓ ଶିଶୁ କଲ୍ୟାଣ ସମିତି ପୁରୀର ମୁଖ୍ୟ ଅଜିତ ମହାପାତ୍ର ସମାଜରେ ଶାନ୍ତିର କାମ୍ୟ ଯଥା ଯୁଦ୍ଧର ଓ ତାର ପରବର୍ତୀ ବିଭିଷିକା ସବୁ ମନୁଷ୍ୟକୃତି ଯାହାକୁ ଏଡାଇଦିଆଯାଇପାରିବ ଉପରେ ଗୁରୁତ୍ୱ ଦେଇଥିଲେ ଓ ସମ୍ମାନିତ ଅତିଥିଭାବେ ଇଞ୍ଜିନିଅର ବିଭୁ ପ୍ରସାଦ ସାହୁ, କବି ଶଙ୍କର୍ଷଣ ପରିଡା ଏବଂ ପ୍ରଖ୍ୟାତ ଡାକ୍ତର ଅର୍ଣ୍ଣବ ପଟ୍ଟନାୟକ ଯୋଗାଦେଇ ମଣିଷର ମୂଲ୍ୟବୋଧ, ଡାକ୍ତର ଯୁଦ୍ଧରେ କିପରି ଦେବତାର ଆଖ୍ୟା ଉପରେ କହିଥିବା ବେଳେ ସମାଜରେ ଶାନ୍ତି ପ୍ରତିଷ୍ଠା ଦିଗରେ ସମାଜର ସୂକ୍ଷ୍ମ ସ୍ତରରୁ କିପରି ପ୍ରୟାସ କରାଯାଇପାରିବ ତାହାର ସମୟ ଆସି ପହଁଚିଛି ଉପରେ କହିଥିଲେ ଓ ସ୍ମିତାକୁମାରୀ ରାଜଗୁରୁ, ସିପ୍ରା ଦାସ, ସମାଜସେବୀ ରବିନାରାୟଣ ସାହୁ, ସଂଗଠକ ରାଜେଶ ମହାନ୍ତି, ଡାକ୍ତର ନରହରି ଦାଶ, ବ୍ରହ୍ମାନନ୍ଦ ସାହୁ ଓ ମିତାଲି ଆଚାର୍ଯ୍ୟ, ଶାନ୍ତିର ସତାର ପତନ ଉପରେ ଗୁରୁତ୍ୱ ଦେଇଥିଲେ ଓ ଏହି ସଭାକୁ ସଦାଶିବ ସସ୍ଥାନର ପୁରୀର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡ଼କ୍ଟର ଅତୁଳ କୁମାର ନନ୍ଦ ସଭାପତିତ୍ୱ କରିଥିଲେ ଓ ସରକାର ତୃଣମୂଳ ସ୍ତରରେ କଣପାଇଁ ଶାନ୍ତି ପାଇଁ କାର୍ଯ୍ୟ କରୁନାହାଂତି ଯାହାକି ଜରୁରି ଓ ଶତାଧିକ ଶାନ୍ତିକାମି ବୁଦ୍ଧିଜୀବୀ ଏହି ସଭାରେ ଯୋଗଦେଥିଲେ ଓ ଦୟାନିଧି ପଣ୍ଡା, ଡାକ୍ତର ରାଧାଶ୍ୟାମ ରଥ,ସାରଙ୍ଗାଧର ଷଡ଼ଙ୍ଗୀ, ଇଂ ସନ୍ଦୀପ କୁମାର ସେନ, ସଞ୍ଜୟ ପ୍ରଧାନ, ପ୍ରିତମ ମିତ୍ର, ବିଦୁଲତା ଆଚାର୍ଯ୍ୟ, ଛାୟାକାନ୍ତ ନାୟକ, ଡ଼କ୍ଟର ବଳରାମ ଦାସ, ଇଂ ସସ୍ମିତ ସିଂ, ଜଗଦୀଶ କୁମାର ଦାସ, ଓମ ସୁବୁଦ୍ଧି, ଫାଦର ବୁଲୁ ବୀରେନ୍ଦ୍ର କୁରକୁଓ ପ୍ରକାଶ ପ୍ରଧାନ ଯୋଗଦେଇଥିଲେ ଓଜୁପୀଟର ଦାସ ଧନ୍ୟବାଦ ଦେଇଥିଲେ ।

କାର୍ଯ୍ୟକ୍ରମକୁ ନାଟ୍ୟକାର ଶିବାସୁନ୍ଦର ମିଶ୍ର, ଜଗଦୀପ କୁମାର ଦାଶ, ଚନ୍ଦନ ମିଶ୍ର ଓ ବାବୁ ଡୋରା ଆଦି ସଂଚଳନା କରିଥିଲେ ଓ ବିଶ୍ୱ ଶାନ୍ତି କାମନା କରି କପୋତ ମାନ ଉଡାଇଥିଲେ ଏବଂ ଏକ ଶାନ୍ତି ଶୋଭାଯାତ୍ରା ବୁଦ୍ଧ ମନ୍ଦିରରୁ ବାହାରି ପୁରୀ ଜ଼ିଲ୍ଲାସ୍କୁଲ ପର୍ଯ୍ୟନ୍ତ ଯାଇଥିଲା।

# କନ୍ଧମାଳରେ ଶ୍ରୀ ସତ୍ୟସାଇ ବାବାଙ୍କ ପାଦୁକା ଯାତ୍ରା

କନ୍ଧମାଳ, ୦୭/୦୮ (ନି.ପ୍ର): ଓଡ଼ିଶା ରାଜ୍ୟ ସତ୍ୟ ସାଇ ସଂଗଠନ ଦ୍ୱାରା ରାଜ୍ୟର ୩୫ ଟି ଜିଲ୍ଲା ଜୋନରେ ବିଭକ୍ତ ସମସ୍ତ ଜିଲ୍ଲା ଠାରୁ ଗ୍ରାମ ପର୍ଯ୍ୟନ୍ତ ପ୍ରାୟ ଦଶ ହଜାର ଗ୍ରାମ ସତ୍ୟ ସାଇ ବାବାଙ୍କ ପାଦୁକା ଯାତ୍ରା ପରିକ୍ରମା କରିବା କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମରେ ଗତ ଜୁଲାଇ ୪ ତାରିଖ ଦିନ କନ୍ଧମାଳ ଜିଲ୍ଲାର ଚକାପାଦ ସ୍ଥିତ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଆଶ୍ରମରେ ଏହି ପାଦୁକା ଯାତ୍ରା ପହଂଚିଛି। ଗଞ୍ଜାମ ଜିଲ୍ଲାରୁ ପ୍ରାୟ ଶତାଧିକ ଭକ୍ତଙ୍କ ଗହଣରେ ୪୨ ଦିନ ବିଭିନ୍ନ ଗ୍ରାମ ପରିକ୍ରମା ସାରି ଏଠାରେ ପହଂଚିଥିଲା ଏହି ଯାତ୍ରା । ଏହାକୁ କନ୍ଧମାଳ ଜିଲ୍ଲାର ସତ୍ୟସାଇ ସେବା ସଙ୍ଗଠନ ଭକ୍ତମାନେ ଭବ୍ୟ ସ୍ୱାଗତ କରିଥିଲେ। ଏହି ରଥ ଆଗାମୀ ୧୯ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ୧୨ ଟି ବ୍ଲକ୍ ର ସମସ୍ତ ଗ୍ରାମ ପରିଦର୍ଶନ କରିବା ସତ୍ୟସାଇ ସଙ୍ଗଠନ ମୂଳ ଲକ୍ଷ୍ୟ ଏହି ପଦଯାତ୍ରା କନ୍ଧମାଳ ଜିଲ୍ଲା କମିଟିକୁ ହସ୍ତାନ୍ତର କରିବା ସମୟରେ ଭାବ ବିହ୍ୱଳିତ ପରିବେଶ ସୃଷ୍ଟି ହୋଇଥିଲା । ଚକାପାଦ ଗ୍ରାମର ହଜାର ହଜାର ଭକ୍ତ ଉପସ୍ଥିତ ରହି ଶଙ୍ଖ ହୁଳହୁଳି ସହିତ ଏହି ଯାତ୍ରାକୁ ସ୍ୱାଗତ କରିବା ସହିତ ପ୍ରସାଦ ସେବନ ର ବ୍ୟବସ୍ଥା କରିଥିଲେ। ଏହି ସ୍ୱାଗତ ସମାରୋହ କାର୍ଯ୍ୟକ୍ରମରେ ଜିଲ୍ଲା ସତ୍ୟ ସାଇ ସଙ୍ଗଠନ ସଭାପତି ମଧୁସୂଦନ ମହାପାତ୍ର, ପୂର୍ବତନ ସଭାପତି ବି ଭି ନାରାୟଣ, ଆବାହକ ବ୍ୟମକେଶ ତ୍ରିପାଠୀ, ରାଜୀବ ନେତ୍ର ପଟ୍ଟନାୟକ, ପ୍ରମୋଦ କୁମାର ପତି, ବନମାଳୀ ପଣ୍ଡା, ସାଇ ରାମ୍ ପାତ୍ର, ବି ଭି ଶଙ୍କର , ମାଲେଶ୍ୱର୍ ପାତ୍ର , ଉପେନ୍ଦ୍ର ମହାନ୍ତି, ମାନେଶ୍ୱର ପାଣ୍ଡେ, ରାଜଲକ୍ଷ୍ମୀ ପଟ୍ଟନାୟକ ବି ଲକ୍ଷ୍ମୀ, ପୁଷ୍ପାଞ୍ଜଳି ପଟ୍ଟନାୟକ , ଦେବସ୍ମିତା ସାହୁ, ବି ଅଙ୍କିତା , ଦିପିତିମୟୀ ପତ୍ର, ସୁରେନ୍ଦ୍ର ସାହୁ ଓ ରମେଶ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଭାରତୀୟ ପରମ୍ପରା ଅନୁଯାୟୀ ଦିର୍ଘ ବର୍ଷ ଧରି ହିନ୍ଦୁ ସଂସ୍କୃତି ଅନୁଯାୟୀ ପାଦୁକା ପୂଜା ପ୍ରଥା ପ୍ରଚଳିତ ରହି ଆସିଛି ।ଭଗବାନଙ୍କ ଓ ଗୁରୁଜନଙ୍କ ପାଦ ଛୁଇଲେ ଆଶ୍ରିବାଦ ମିଳିଥାଏ। ଏହାକୁ ସାର୍ବଜନୀନ କରି ସାମାଜରେ ପରିବର୍ତନ ଆଣିବା ଏହି ଯାତ୍ରାର ମୂଳ ଉଦ୍ଦେଶ୍ୟ।

## ୟୁଥ ହଷ୍ଟେଲରେ ଯୋଗଦେଲେ ନୂଆ ମ୍ୟାନେଜର

ପୁରୀ, ୦୭/୦୮ (ନି.ପ୍ର): ବାଙ୍କି ମୁହାଣ ଚକ୍ରତୀର୍ଥ ରୋଡ ସ୍ଥିତ ୟୁଥ ହଷ୍ଟେଲରେ ନୂଆ ମ୍ୟାନେଜର ଭାବେ ଭାସ୍କର ମହାରଣା ଦାୟୀତ୍ୱ ଗ୍ରହଣ କରିଛନ୍ତି । ଦୀର୍ଘ ବର୍ଷ ଧରି ଜୟଶଙ୍କର ଯୋଶୀ ମ୍ୟାନେଜର ଭାବେ କାର୍ଯ୍ୟରତ ଥିଲେ । ସେ ଅବସର ଗ୍ରହଣ କରିବା ପରେ ବିଭାଗୀୟ ଆଦେଶ ମତେ ଶ୍ରୀ ମହାରଣା ଶ୍ରୀ ଯୋଶୀଙ୍କ ଠାରୁ ଦାୟୀତ୍ୱ ଗ୍ରହଣ କରିଛନ୍ତି । ୟୁଥ ହଷ୍ଟେଲର ଉନ୍ନତିକରଣ, ଚତୁପାର୍ଶ୍ୱର ସୁରକ୍ଷା ଓ ଆଗନ୍ତୁକ ଅତିଥିମାନଙ୍କୁ ଭଲ ଆଚରଣ କରିବା ପାଇଁ କର୍ମଚାରୀ ମାନଙ୍କୁ ପରାମର୍ଶ ଦେଇଥିଲେ ।

# କାଏମା ମିଶନ ଶକ୍ତି ଗୃହକୁ ସିଲ୍ କଲା ଧର୍ମଶାଳା ବ୍ଲକ ପ୍ରଶାସନ

ଧର୍ମଶାଳା, ୦୭/୦୮ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ବଡ-କାଏମା ପଂଚାୟତ ମିଶନ ଶକ୍ତି ଗୃହକୁ ବ୍ଲକ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି । ଏନେଇ ପୂର୍ବରୁ ମିଶନ ଶକ୍ତିରେ ଲକ୍ଷାଧିକ ଟଙ୍କା ଅନିୟମିତତା ଅଭିଯୋଗ ହୋଇଥିଲା । ସୂଚନା ମୁତାବକ, କାଏମା ମିଶନ ଶକ୍ତି ଅଧିନ ସିଆରପି ୧୦ ଜଣ,୨୭ ଜଣ ଇସିଓ ବ୍ୟାଙ୍କ ମିତ୍ର ଏବଂ ଅନ୍ୟ କର୍ମଚାରୀମାନେ ୧୦ ମାସ ହେବ ଦରମା ନ ପାଇବାରୁ ଧର୍ମଶାଳା ବ୍ଲକ ଅଧିନରେ ଥିବା ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ । ପରେ ବ୍ଲକ ପ୍ରଶାସନ ପକ୍ଷରୁ ପଂଚାୟତ ମିଶନ ଶକ୍ତି ବ୍ୟାଙ୍କ ଖାତାରୁ ୨୦ ଲକ୍ଷ ଉର୍ଦ୍ଧ ଟଙ୍କା ନ ଥିବା ଜାଣିବାକୁ ପାଇଥିଲେ । ଏବଂ ସଭାପତି , ସମ୍ପାଦକ ଓ ଏମବିକେଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଯାଇଥିବା ଜାଣିବାକୁ ପାଇଥିଲେ । ଏନେଇ ବ୍ଲକ ପ୍ରଶାସନ ଓ ଧର୍ମଶାଳା ଥାନାରେ ଅଭିଯୋଗ କରାଯାଇଥିଲା । ଆଜି ଅପରାହ୍ନରେ ବ୍ଲକ ପ୍ରଶାସନ ଓ ଧର୍ମଶାଳା ପୋଲିସ କାଏମାସ୍ଥିତ ମିଶନ ଶକ୍ତି କାର୍ଯ୍ୟାଳୟରେ ପଂହଚି ଯାଂଚ କରିଥିଲେ । ଏବଂ ଏଠାରେ ଅନିୟମିତା ହୋଇଥିବା ଜାଣିବାକୁ ପାଇଥିଲେ । ପରେ ଏହି କାର୍ଯ୍ୟାଳୟକୁ ତାଲା ପକାଇ ସିଲ୍ କରାଯିବା ସହିତ ଆବଶ୍ୟକୀୟ କାଗଜ ପତ୍ର ନେଇ ଯାଇଥିଲେ । ଯାହାକି ଏବେ ଧର୍ମଶାଳା ଅଂଚଳରେ ଚର୍ଚ୍ଚାର ବିଷୟ ହୋଇଛି ।

# ଜିଲ୍ଲାସ୍ତରୀୟ ହାକାଥନ କାର୍ଯ୍ୟକ୍ରମ

ପୁରୀ, ୦୭/୦୮ (ନି.ପ୍ର): ପୁରୀ ବିଶ୍ୱମ୍ଭର ବିଦ୍ୟାପୀଠ ପରିସରରେ ଜିଲ୍ଲା ସ୍ତରୀୟ ଓଡ଼ିଆ ପ୍ରିମିୟର୍ ହାକାଥନ - ୨ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୁରୀ ଜିଲ୍ଲାରେ ଅବସ୍ଥିତ ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମାନଙ୍କରୁ ୯ ଜଣ ବିଜ୍ଞାନ ପ୍ରକଳ୍ପ ଧାରୀ ଅଂଶଗ୍ରହଣ କରିଥିଲେ । ଏହି ସମାରୋହର ଉଦ୍ଘାଟନ ଉତ୍ସବରେ ମୁଖ୍ୟ ଅତିଥି ରୂପେ କିଟ୍ ୟୁନିଭରସିଟି ର ପ୍ରଫେସର ଡଃ. ଏସ୍ କେ ଏସ ପରାସର ଉପସ୍ଥିତ ରହି ବିଜ୍ଞାନର ବିଭିନ୍ନ ଉପାଦେୟତା ସମ୍ପର୍କରେ ମତପୋଷଣ କରିବା ସହ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ଓ ସନ୍ଦର୍ଶିତ ପ୍ରକଳ୍ପ ଗୁଡିକର ଭୂୟସୀ ପ୍ରଶଂସା କରିଥିଲେ । ବିଭିନ୍ନ ଉଦାହରଣ ମାଧ୍ୟମରେ ଅଧିକ ରୁ କଧିକ ପ୍ରକଳ୍ପ ପ୍ରସ୍ତୁତ କରିବା ପାଇଁ ମଧ ପ୍ରୋତ୍ସାହନ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ପଲିଟେକନିକାଲ୍ ମହାବିଦ୍ୟାଳୟ, ପୁରୀ ର ଅଧ୍ୟକ୍ଷ ବିଭୁତି ଭୁଷଣ ନାଏକ,ସାମନ୍ତ ଚନ୍ଦ୍ରଶେଖର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଅଧ୍ୟକ୍ଷ ଶ୍ରୀ ବିଟା ମହାନ୍ତି , ଆଇ ଟି ଆଇ ମହାବିଦ୍ୟାଳୟ ପୁରୀ ର ଅଧ୍ୟକ୍ଷ ଚନ୍ଦ୍ରଶେଖର ସୁନ୍ଦରାୟ ଓ ପ୍ରଧାନ ଶିକ୍ଷକ,ବିଶ୍ୱମ୍ଭର ବିଦ୍ୟାପୀଠ, ପୁରୀ ଶ୍ରୀମତୀ ଶୁଭଶ୍ରୀ ଦାସ ପ୍ରମୁଖ ଯୋଗଦେଇ ବିଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ ବକ୍ତବ୍ୟ ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ସମସ୍ତ କାର୍ଯ୍ୟ ସାମଗ୍ରିକ ରୂପେ କାର୍ଯ୍ୟକ୍ରମର ସଭାପତି ତଥା ଜିଲ୍ଲା ଶିକ୍ଷାଧିକାରୀ ପୁରୀ, ଦୀପକ କୁମାର ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ସମାହିତ ହୋଇଥିଲା । ଏହାର ଉଦ୍ଯାପନ ଉତ୍ସବରେ ବି ଇ ଓ , ଗୋପ , ସୁଶୀଲ କୁମାର ବ୍ରହ୍ମା ଓ ବି ଇ ଓ, ପୁରୀ ସଦର, ପ୍ରମୋଦ କୁମାର କର ଅତିଥି ରୂପେ ଯୋଗଦେବା ସହ ପ୍ରଦର୍ଶିତ ୯ ଗୋଟି ପ୍ରକଳ୍ପ ମଧ୍ୟରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ରତନପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଛାତ୍ରୀ କଳ୍ପନା ସେଠୀଙ୍କୁ ୧୫,୦୦୦ ଟଙ୍କା, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବାଣୀଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀ ସୁମିତା ଜେନାଙ୍କୁ ୧୦,୦୦୦ ଟଙ୍କା ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଅତିବଡ଼ି ଜଗନ୍ନାଥ ଦାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କପିଳେଶ୍ୱରପୁରର ଛାତ୍ରୀ ସୋନାଲି ଜେନାଙ୍କୁ ୫୦୦୦ ଟଙ୍କା ପୁରୀ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀଯୁକ୍ତ ପାଢ଼ୀ ପୁରସ୍କାର ରୂପେ ପ୍ରଦାନ କରିଥିଲେ । ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ମିଥୁନ ହରିଚନ୍ଦନ ଓ ଶିକ୍ଷକ ତାପସ ପ୍ରିୟଦର୍ଶନ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଶିକ୍ଷୟିତ୍ରୀ ଅଳକାନନ୍ଦା ମଂଚ ପରିଚାଳନା କରିଥିଲେ ଓ ପ୍ରଧାନ ଶିକ୍ଷକ ଶୁଭଶ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭାରସାମ୍ୟ ହରାଇ କଂଟେଟନର ଦୁର୍ଘଟଣାଗ୍ରସ୍ତ

କୋରେଇ, ୦୭/୦୮ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଶର୍ମା ଭାଇଭରସନ ନିକଟରେ ସୋମବାର ବିଳମ୍ବିତ ରାତ୍ରୀରେ ଏକ କଂଟେନର ଭାରସାମ୍ୟ ହରାଇ ରାସ୍ତା ଡିଭାଇଡ ଉପରେ ଚଢି ଯାଇଥିଲା । ଫଳରେ ଗାଡିଟି ଦୁର୍ଘଟଣାଗ୍ରସ୍ତ ହୋଇଛି । ପ୍ରକାଶଯେ କଟକ ପଟୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଏକ କଂଟେନର (ଏଚଆର ୩୮ଏଏ ୧୧୯୪) ରାସ୍ତା ଉପରେ ଏକ ଦୁର୍ଘଟଣାଗ୍ରସ୍ଥ ଗାଇକୁ ଦେଖି ଡାହାଣକୁ କାଟିଦେବା ଫଳରେ ଭାରସାମ୍ୟ ହରାଇ ରାସ୍ତା ଡିଭାଇଡ ଉପରେ ଚଢି ଯାଇ ଲାଖି ରହିଥିଲା । ତାର ତେଲ ଟାଙ୍କି ଫାଟି ତେଲ ସବୁ ରାସ୍ତା ମଝିକୁ ପଡିଯାଇଥିଲା । ଖବର ପାଇ ପାଣିକୋଇଲି ପୁଲିସ ଘଟଣାସ୍ଥଳେ ପହଂଚି ଦୁର୍ଘଟଣାର ତଦନ୍ତ କରିଥିବା ବେଳେ ଆମେ ହେଲପିଂଗ ଗ୍ରୁପର ସଭାପତି ଅଶୋକ କୁମାର ଦାସ ଓ ହରେକୃଷ୍ଣ ପଣ୍ଡା ସେଠାରେ ପହଂଚି ଦୁର୍ଘଟଣାକୁ ଡୋଇବା ପାଇଁ ମୃତ ଗୋରୁକୁ ଟାଣି ରାସ୍ତା କଡକୁ ନେବା ସହ ରାଜପଥ ବିଭାଗକୁ ସୂଚନା ଦେଇଥିଲେ ।

# ଆମକୁ ବଡଦାଣ୍ଡରେ ଭେଣ୍ଡିଂ ଜୋନ ଅନୁମତି ଦିଆଯାଉ: ନୀଳାଚଳ କ୍ଷୁଦ୍ର ବ୍ୟବସାୟୀ ମହାସଂଘ

ପୁରୀ, ୦୭/୦୮ (ନି.ପ୍ର): ନୀଳାଚଳ କ୍ଷୁଦ୍ର ବ୍ୟବସାୟୀ ମହାସଂଘ ପକ୍ଷରୁ ଆଜି ଏକ ମିଳିତ ଶୋଭାଯାତ୍ରା ଯାଇ ବିଭିନ୍ନ ଦାବି ସମ୍ପର୍କରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବି ଗୁଡିକ ମଧ୍ୟରେ ବଡଦାଣ୍ଡର ଉଭୟ ପାର୍ଶ୍ୱରେ ୧୫ ଶହ ଉଠାଦୋକାନୀଙ୍କୁ ଥଇଥାନ କରିବା ପାଇଁ ପ୍ରାର୍ଥନା କରିଛନ୍ତି । ଶ୍ରୀମନ୍ଦିର ସହ ଜଡିତ ଅମୁଣିଆ ଭୋଗ ସାମଗ୍ରୀ, ନିର୍ମାଲ୍ୟ, ତିଳକ, ନଡିଆ, କଦଳୀ, ଫୁଲ, ଫଟୋ ଆଦି ବିକ୍ରି କରିବା ପାଇଁ ଭେଣ୍ଡିଂ ଜୋନ ସୁବିଧା ଦିଆଯାଉ । ପୂର୍ବରୁ ୧୬ ଶହ ଉଠାଦୋକାନୀଙ୍କୁ ଅବଢା ଯୋଜନାରେ ସହାୟତା ଯୋଜନା ଦିଆଯାଉଛି । ପ୍ରତି ମାସରେ ୧୫ ହଜାର ଟଙ୍କା ଓ କିଓସ୍କ ନିର୍ମାଣ ପାଇଁ ୫୦ ହଜାର ଟଙ୍କା ଦିଆଯିବା ପାଇଁ ଯୋଜନା ହୋଇଛି । ଟାଉନ ଭେଣ୍ଡିଂ କମିଟି କରାଯାଇ ଦୋକାନ ଖୋଲିବାକୁ ଅନୁମତି ଦିଆଯାଉ । ଶ୍ରୀସେତୁ ତଳେ ଦୋକାନ ଅନୁମତି ଦିଆନଯାଉ । ବ୍ୟବସାୟିଙ୍କ ସମସ୍ୟା ୭ ଦିନ ଭିତରେ ସମାଧାନ କରାନଗଲେ ସେମାନେ ପୁନର୍ବାର ବଡଦାଣ୍ଡରେ ବସିବେ ବୋଲି ଚେତାବନି ଦେଇଛନ୍ତି । ବଡଦାଣ୍ଡ ମିଳିତ ଉଠାଦୋକାନୀ ସଂଘ ସଭାପତି ପ୍ରଶାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ଉଠାଦୋକାନୀ ମାନେ ଶୋଭାଯାତ୍ରାରେ ଯାଇ ଦାବିପତ୍ର ପ୍ରଦାନ କରିଥିଲେ । ଶ୍ରୀଜଗନ୍ନାଥ ମିଳିତ କ୍ଷୁଦ୍ର ବ୍ୟବସାୟି ସଂଘ, ଦୀନବନ୍ଧୁ, ଚାରୁଗଣେଶ, ରାଧାକୃଷ୍ଣ , ତ୍ରିନାଥ, ମାଉସୀମା, ବଳଗଣ୍ଡି, ଶ୍ରୀଚୈତନ୍ୟ, ସ୍ୱର୍ଣ୍ଣ ବେଳାଭୂମି ଚକ୍ରତୀର୍ଥ, ସାତଲହଡି ଓ ମହାଲକ୍ଷ୍ମୀ କ୍ଷୁଦ୍ର ବ୍ୟବସାୟି ସଂଘ ଏଥିରେ ସାମିଲ ହୋଇଥିଲେ ।

# ଗଛ ପଡ଼ି ଭାଙ୍ଗିଲା ଘର: ବେସାହାରା ହୋଇଗଲେ ବିଧବା ମହିଳା ଏବଂ ପିଲା ଛୁଆ

ଜୟପୁର, ୦୭/୦୮ (ନି.ପ୍ର): ଘର ଉପରେ ପଡ଼ିଲା ଗଛ ଆଉ ବେସାହାରା ହୋଇଗଲେ ତିନି ପ୍ରାଣୀ କୁଟୁମ୍ବ। ପକ୍କା ଘର ତ ଭାଗ୍ୟରେ ନାହିଁ ତଥାପି ଭାଗ୍ୟକୁ ଆଦରି କଚ୍ଚା କୁଡ଼ିଆରେ ଜୀବନ କାଟୁଥିଲେ ତିନି ଜଣ; ହେଲେ ଦଇବ ସେତିକି ବି ସହି ପାରିଲା ନାହିଁ ହଠାତ କୁଡ଼ିଆରେ ଗଛ ପଡ଼ି ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲା ଘର ।ବୋରିଗୁମ୍ମା ସଦର ମହକୁମା କେନ୍ଦୁଗୁଡା ଗ୍ରାମରେ ନିଲୋନ୍ଦ୍ରୀ ଭୂମିଆ ତିନି ଜଣ ଛୁଆଙ୍କୁ ନେଇ ଜୀବନ ବିତାଉଥିଲେ। ସ୍ୱାମୀ ଆଉ ପାରିରେ। ଲୋକଙ୍କ ଘରେ ଦିନ ମଜୁରିଆ ଭାବେ କାର୍ଯ୍ୟ କରି ପରିବାର ଗୁଜୁରଣ ମେଣ୍ଟାନ୍ତି ନିଲୋନ୍ଦ୍ରୀ। ଆବାସ ଯୋଜନାରେ ସାମିଲ କରିବା ପାଇଁ ସରପଂଚ ଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କୁ ଗୁହାରି କରି କରି ଥକିଗଲେଣି ହେଲେ କେହି କର୍ଣ୍ଣପାତ କରୁ ନାହାନ୍ତି। ସେହି କଚ୍ଚା କୁଡ଼ିଆରେ ଭାଗ୍ୟକୁ ଆଦରି ମୁଣ୍ଡ ଗୁଂଜୁଥିଲେ, ହେଲେ ଗତ ଶନିବାର ଦିନ ବିଳମ୍ବିତ ରାତିରେ ମାଆ ତିନି ପିଲା ଶୋଇଥିବା ସମୟରେ ହଠାତ ନିକଟରେ ଥିବା ବିରାଟ ଗଛ ତାଙ୍କ ଘର ଉପରେ ପଡି ଯାଇଥିଲା। ଭାଗ୍ୟବଶତଃ ଅଳ୍ପକେ ବର୍ତିଗଲେ ପରିବାର। କିନ୍ତୁ ଗୋଟିଏ ପଟେ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲା ଘର। ଦୁଇ ଦିନ ହେବ ସେମିତି ପିଲା ଛୁଆଙ୍କୁ ନେଇ ବେସାହାରା ହୋଇ ବୁଲୁଛନ୍ତି ନିଲୋନ୍ଦ୍ରୀ। ବର୍ଷା ଦିନେ କେମିତି ପିଲା ଛୁଆଙ୍କୁ ନେଇ ମୁଣ୍ଡ ଗୁଂଜିବେ ଏବେ ଚିନ୍ତାରେ। ଦୁଇ ଦିନ ବିତିଗଲା ହେଲେ ଏ ପର୍ଯ୍ୟନ୍ତ ପ୍ରଶାସନିକ ଅଧିକାରୀଙ୍କ ଦେଖା ନାହିଁ। ବୋରିଗୁମ୍ମା ତହସିଲ କାର୍ଯ୍ୟାଳୟରୁ ମାତ୍ର ତିନି ଶହ ମିଟର ଦୂରରେ ଏଭଳି ଅବସ୍ଥା ତେବେ ଉପାନ୍ତ ଅଂଚଳରେ କି ଅବସ୍ଥା ତାହା ସହଜେ ଅନୁମେୟ।

# ଜିଲ୍ଲା ସ୍ୱାସ୍ଥ୍ୟ ସମିତିର କାର୍ଯ୍ୟନିର୍ବାହୀ କମିଟିର ବୈଠକ

କନ୍ଧମାଳ, ୦୭/୦୮ (ନି.ପ୍ର): ଫୁଲବାଣୀରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଭାବନା ସଭାଗୃହରେ କନ୍ଧମାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର କାର୍ଯ୍ୟନିର୍ବାହୀ କମିଟି ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସ୍ୱାସ୍ଥ୍ୟ ମିଶନ ପ୍ରକଳ୍ପ ପରିଚାଳକ ମନୋରଞ୍ଜନ ସାହୁ ପାୱାର ପଏଣ୍ଟ ମାଧ୍ୟମରେ ଗତ ଜିଲ୍ଲା ସ୍ୱାସ୍ଥ୍ୟ ସମିତି କାର୍ଯ୍ୟନିର୍ବାହୀ କମିଟି ବୈଠକର ବିବରଣୀ ସମ୍ପର୍କରେ ଆଲୋଚନା କରିବା ସହିତ ଜିଲ୍ଲାପାଳଙ୍କ ଦ୍ୱାରା ଅନୁମୋଦନ କରାଯାଇଥିଲା । ଆଲୋଚନାରୁ ଜଣାପଡ଼ିଛି ଯେ, ଫୁଲବାଣୀ ପୌରପରିଷଦର ମହାପ୍ରୟାଣ ଗାଡ଼ି ମରାମତି ବାବଦରେ ବେଶି ଖର୍ଚ୍ଚ ହେଉଥିବାରୁ ୧୦୮ ଆମ୍ବୁଲାନ୍ସକୁ ମହାପ୍ରୟାଣ ଗାଡ଼ି ଭାବେ ବ୍ୟବହାର କରାଯିବ । ଜିଲ୍ଲା ସଦର ମହକୁମା ଚିକିତ୍ସାଳୟର ଜଣେ ଡ୍ରାଇଭରଙ୍କୁ ସେହି ଗାଡ଼ି ପାଇଁ ଅବସ୍ଥାପିତ କରାଯିବ । ସେଥିପାଇଁ ଆବଶ୍ୟକ ଖର୍ଚ୍ଚ ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ରେଡକ୍ରସ୍ ପାଣ୍ଠିରୁ ଭରଣା କରାଯିବ । ଜିଲ୍ଲା ସଦର ମହକୁମା ନିକଟରେ କାର୍ଯ୍ୟ କରୁଥିବା ପୁରୁଷ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ଜନସ୍ୱାର୍ଥ ପାଇଁ ଆଭ୍ୟନ୍ତରୀଣ ଅଞ୍ଚଳକୁ ସ୍ଥାନାନ୍ତର କରାଯିବ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ /ଉପଖଣ୍ଡ ଚିକିତ୍ସାଳୟ ପାଇଁ ହେଲ୍ପ ଡେସ୍କ ସେବା ଏବଂ ହସ୍ପିଟାଲ ଡାଏଟ୍ ସର୍ଭିସ୍ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ଦ୍ୱାରା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଚୂଡ଼ାନ୍ତ ହେବା ପର୍ଯ୍ୟନ୍ତ ବୃଦ୍ଧି କରାଯିବ ବୋଲି ଜଣାପଡ଼ିଛି । ସେହିପରି, ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ ହାର, ମାତୃ ଓ ଶିଶୁ ମୃତ୍ୟୁ ହାର, ନବଜାତ ଶିଶୁ ମୃତ୍ୟୁ ହାର, ପୃଷ୍ଟିକର ଥଇଥାନ କେନ୍ଦ୍ର, ଶୂନ ରୁ ୬ ବର୍ଷ ବୟସର ଶିଶୁ ଲିଙ୍ଗ ଅନୁପାତ ଉପରେ ଆଲୋଚନା କରାଯାଇଥିଲା । କେଉଁ ସି.ଏଚ୍.ସି.ରେ ଏକ୍ସ-ରେ କରାଯାଉନାହିଁ ଏବଂ କ’ଣ ପାଇଁ କରାଯାଉନାହିଁ ଜିଲ୍ଲାପାଳ ପଚାରି ବୁଝିଥିଲେ । ଉକ୍ତ ବୈଠକରେ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ପଣ୍ଡାଙ୍କ ସମେତ ସମସ୍ତ ବିଭାଗର ଚିକିତ୍ସା ଅଧିକାରୀ, ଜିଲ୍ଲା ଆୟୁର୍ବେଦ ଚିକିତ୍ସା ଅଧିକାରୀ, ଜିଲ୍ଲା ହୋମିଓପାଥି ଚିକିତ୍ସା ଅଧିକାରୀ, ଅଧିକ୍ଷଣ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଏବଂ ରାସ୍ତା ଓ କୋଠାବାଡ଼ି, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ, ନିର୍ବାହୀ ଅଧିକାରୀ, ଫୁଲବାଣୀ ପୌରପରିଷଦ, ଜିଲ୍ଲା ସଦର ମହକୁମା ଚିକିତ୍ସାଳୟର ସମସ୍ତ ଅଧିକାରୀ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ ।

## ଆଉଁଳି ଗାଁରେ ଭାଲୁ ବୁଲୁଛି

ଜୟପୁର, ୦୭/୦୮ (ନି.ପ୍ର): କୋଟପାଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବୋରିଗୁମ୍ମା ବ୍ଲକ୍ ର ଆଉଁଳି ଗାଁରେ ଆଜି ତଥା ମଙ୍ଗଳବାର ମଧ୍ୟାହ୍ନରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କ୍ଷ ଗତ ଦୁଇ ଦିନ ଧରି ଆଉଁଳି ଗାଁ ରେ ଭାଲୁ ବୁଲୁଛି କ୍ଷ ହେଲେ ଖବର ପାଇ ଭାଲୁକୁ କାବୁ କରିବା ପାଇଁ ବନ ବିଭାଗ ଯାଇଥିବା ବେଳେ, ବନ ବିଭାଗର ବୋଲେରୋ ଗାଡ଼ି ଏବଂ ବାଇକ କୁ ଆକ୍ରମଣ କରିଛି ଜଂଗଲୀ ଭାଲୁ। ଗାଡ଼ିର ଆଗପଟ ଟାୟାର ଓ ବମ୍ପର୍ କୁ କାମୁଡି ଭାଙ୍ଗି ଦେଇଛି। ଗାଁ ନିକଟରେ ଥିବା ଫାର୍ମ ହାଉସରେ କାମ କରୁଥିବା ୧୦୦ରୁ ଅଧିକା କର୍ମଚାରୀ ଭୟରେ ଘରର ଛାତ ଉପରକୁ ଚଢିଯାଇଛନ୍ତି। ଏ ପର୍ଯ୍ୟନ୍ତ ଭାଲୁର ଉତ୍ପାତ ଜାରି ରହିଛି। ବନ ବିଭାଗ କର୍ମଚାରୀ ଭାଲୁକୁ କାବୁ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ମୁଖୀଗୁଡା, ୦୭/୦୮ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଉଚ୍ଛୁଳା ପଂଚାୟତ ପାଣ୍ଡରିପଖାନ ଗ୍ରାମର ଲକ୍ଷ୍ମଣ ନାଏକ ଆଜି ବଡ଼ି ଭୋରରୁ ଶୌଚ ପାଇଁ ଗାଁ ନିକଟସ୍ଥ ନାଳକୁ ଯାଉଥିବା ବେଳେ ପାଖ ଜଙ୍ଗଲରୁ ଖାଦ୍ୟ ଅନ୍ୱେଷଣରେ ଗାଁ କୁ ଆସିଥିବା ୨ ଭାଲୁ ହଠାତ ଆକ୍ରମଣ କରିଥିଲେ, କୌଣସି ପ୍ରକାରେ ଭାଲୁ ହାବୁଡ଼ରୁ ଖସି ଆସିବା ପରେ ପରିବାର ଲୋକେ ଗୁରୁତର ଯୁବକକୁ କୋକସରା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଜଟିଳ ଥିବାରୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।

# ସ୍ୱାତୀ ତରଫରୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ

କନ୍ଧମାଳ, ୦୭/୦୮ (ନି.ପ୍ର): ‘ଶିଶୁ ପାଇଁ ମା କ୍ଷୀର ଅମୃତ ସମାନ” । ଏହି ପରିପ୍ରେକ୍ଷିରେ ଅଗଷ୍ଟ ମାସ ୧ ତାରିଖ ଠାରୁ ୦୭ ତାରିଖ ପର୍ଯ୍ୟନ୍ତ ସାରା ବିଶ୍ୱରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଉଥିବା ବେଳେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ପକ୍ଷରୁ କନ୍ଧମାଳ ଜିଲ୍ଲା ର ବିଭିନ୍ନ ସ୍ଥାନରେ ଏହା ଆୟୋଜନ କରାଯାଇଛି । କନ୍ଧମାଳ ଜିଲ୍ଲାର ଗ୍ରାମାଚଂଳରେ କର୍ମଜିବି ମହିଳା ମାନେ କାର୍ଯ୍ୟବ୍ୟସ୍ତତାରେ ରହି ଅଜଣାତରେ ସ୍ତନ୍ୟପାନକୁ ଅବହେଳା କରୁଥିବା ବେଳେ ବର୍ଷ ୨୦୨୪ ରେ ଥିବା ବିଷୟ “ପ୍ରତିବନ୍ଧକକୁ ଦୂର କରିବା ସମସ୍ତେ ସ୍ତନ୍ୟପାନକୁ ପ୍ରୋତ୍ସାହିତ କରିବା” କୁ ଜନସାଧାରଣଙ୍କୁ ଜଣାଇବା ପାଇଁ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ କନ୍ଧମାଳ ଏବଂ କୋଲକାତା ର କ୍ରାଏ ଅନୁଷ୍ଠାନ ସହାୟତା ରେ ମା ଗୃହ କଟ୍ରିଙ୍ଗିଆ, ବାଲନ୍ଦାପଡା ଓ ଟିକାବାଲି ଙ୍କ ଦ୍ୱାରା ଫିରିଙ୍ଗିଆ, ଟିକାବାଲି ଓ ଫୁଲବାଣୀ ବ୍ଲକ୍ ରେ ସଚେତନତା ସଭା ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମ ରେ ସ୍ଥାନୀୟ ଆଶା, ଅଙ୍ଗନଓାଡି କର୍ମୀ, ଗର୍ଭବତୀ, ପ୍ରସୂତୀ ଓ ମହିଳା ମାନେ ଯୋଗ ଦେଇଥିବା ବେଳେ ଅତିଥି ଭାବେ ମହିଳା ସ୍ୱାସ୍ଥ୍ୟ ପରିଦର୍ଶୀକା ସୁକାନ୍ତି ପ୍ରଧାନ,ଷ୍ଟାପ ନର୍ଶ ମନିଶା ଖମାରି ଉପସ୍ଥିତ ରହି ସ୍ତନ୍ୟପାନ ର ଗୁରୁତ୍ୱ , ୦୬ ମାସ ପର୍ଯ୍ୟନ୍ତ କେବଳ ମା କ୍ଷୀର , ୦୬ ମାସ ପରେ ପରିପୂରକ ଖାଦ୍ୟ ଯାହାକି ଶିଶୁ କୁ ମାନସିକ, ଶାରିରିକ ଓ ବୌଧିକ କ୍ଷେତ୍ର ରେ ଏକସଙ୍ଗ ରେ ବିକାଶ କରିଥାଏ ବୋଲି କହିଥିଲେ । ମା ଗୃହରେ ମଧ ମା ମାନେ ଅବସ୍ଥାପିତ ସମୟ ରେ ଏ ଦିଗରେ ଅଧିକ ସଚେତନତା କରିବା ଆବଶ୍ୟକତା ଅଛି ବୋଲି ଅନୁଷ୍ଠାନର ସଂପାଦକ ହରି ଶଙ୍କର ରାଉତ ମତ ବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ କ୍ରାଏ ପ୍ରକଳ୍ପ ଓ ମା ଗୃହର ସମସ୍ତ ଏ.ଏନ୍.ମ୍ୱେ. କୋଡିନେଟର ଓ ମହିଳା ସ୍ୱାସ୍ଥ୍ୟ ସହାୟିକା ମାନେ ସହଯୋଗ କରିଥିଲେ ।

# ଅଗଷ୍ଟ ମାସ ଶେଷ ସୁଦ୍ଧା ସମ୍ବଲପୁର-ନୂଆପଡା ରେଳ ଲାଇନ ସର୍ବେକ୍ଷଣ ସମ୍ପୂର୍ଣ୍ଣ ହେବ

ସମ୍ବଲପୁର, ୦୭/୦୮ (ନି.ପ୍ର): ସମ୍ବଲପୁର - ବରଗଡ଼ -ନୂଆପଡା ଦେଇ ସମ୍ବଲପୁର - ରାୟପୁର ମଧ୍ୟରେ ବିକଳ୍ପ ସିଧାସଳଖ ରେଳ ସଂଯୋଗ ସ୍ଥାପନ ଦିଗରେ ଅନ୍ତିମ ସର୍ବେକ୍ଷଣ କାର୍ଯ୍ୟ ଆଗେଇ ଚାଲିଛି। ଅଗଷ୍ଟ ମାସ ଶେଷସୁଦ୍ଧା ଏ କାମ ସରିବାକୁ ଯାଉଛି । ରେଳପଥ ସ୍ଥାପନ ସକାଶେ ଚୂଡାନ୍ତ ପର୍ଯ୍ୟାୟରେ ଏବେ ଆବଶ୍ୟକ ସ୍ଥାନରେ ପୋଲ ନିର୍ମାଣ ପାଇଁ ମୃତ୍ତିକା ପରୀକ୍ଷା କରାଯାଉଛି । ଏସଏମ କନସିଟେଲସି ନାମକ ସଂସ୍ଥା ପ୍ରଥମେ ଉପଗ୍ରହ ଚିତ୍ର ଓ ପରେ ଡ୍ରୋନ ସାହାଯ୍ୟରେ ଉର୍ଦ୍ଧ୍ୱରୁ ଚିତ୍ର ସଂଗ୍ରହ କରିବା ପରେ ଭୂମାର୍ଗରେ ସର୍ବେକ୍ଷଣ ଆରମ୍ଭ କରିଥିଲା । ଏଥିପାଇଁ ଦୁଇଟି ଦଳ ନିୟୋଜିତ ହୋଇଛନ୍ତି। ଗୋଟିଏ ଦଳ ଓଡ଼ିଶା ଏବଂ ଅନ୍ୟ ଦଳଟି ଛତିଶଗଡ଼ରେ ସର୍ବେକ୍ଷଣ କାର୍ଯ୍ୟ ଚଳାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ବରଗଡ଼ - ନୂଆପଡ଼ା ରେଳପଥ ପାଇଁ ୯୦ ଦଶକରେ ଦାବି ଉଠିଥିଲା । ବହୁବାର ଦାବି ଉଠାଇବା ପରେ ରେଳବାଇ ବଜେଟରେ ସର୍ଭେ ପାଇଁ ବ୍ୟବସ୍ଥା କରାଯାଇଥିଲା । ମାତ୍ର ଏ ଦିଗରେ ବିଶେଷ ଉପଲବ୍ଧି ହାସଲ କରାଯାଇ ନ ଥିଲା । ରେଳ ଧାରଣା ସ୍ଥାପନ ହେବ ନାହିଁ, ଏ ଦିଗରେ ସରକାର ଆଗ୍ରହୀ ନ ଥିବା ହୃଦବୋଧ ହେଉଥିଲା । ବରଗଡର ତତ୍କାଳୀନ ଲୋକସଭା ସାଂସଦ ଏବଂ ବର୍ତ୍ତମାନ ର ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀ ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେହିଭଳି ସମ୍ବଲପୁରର ବିଭିନ୍ନ ସଙ୍ଗଠନ ଏବଂ ରାୟପୁର- ବରଗଡ଼ ରେଳ ଲାଇନ୍ ପ୍ରତିଷ୍ଠା ସମିତି, ସରାଇପାଲି ଦ୍ୱାରା ବାରମ୍ବାର ଦାବି ଉପସ୍ଥାପନ ଏବଂ ଦାବିପତ୍ର ପ୍ରଦାନ ଫଳରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏ ଦିଗରେ ବାସ୍ତବବାଦୀ ପଦକ୍ଷେପ ଗ୍ରହଣ କରିଛନ୍ତି।

# କର୍ମଚାରୀଙ୍କ ଅବସର ସମ୍ବର୍ଦ୍ଧନାରେ ରକ୍ତଦାନ ଶିବିର: ୩୫ ୟୁନିଟ ରକ୍ତ ସଂଗୃହୀତ




ବାଲେଶ୍ୱର , ୭/୮ (ନି.ପ୍ର): ଟିପିଏନଓଡିଏଲର ନୀଳଗିରି ସେକ୍ସନର କର୍ମଚାରୀମାନେ ଆଜି ଏକ ନିଆରା ତଥା ପ୍ରେରଣାଦାୟୀ ସ୍ମରଣୀୟ ଉପାୟରେ ରକ୍ତଦାନ ଶିବିର ଆୟୋଜନ କରି ସମସ୍ତଂକର ପ୍ରଶଂସାଭାଜନ ହୋଇଛନ୍ତି। ଏନ ଏମ ଆର ରବୀନ୍ଦ୍ର ବେହେରାଂକର ଦୀର୍ଘ ଚାକିରୀ ଜୀବନର ସମାପ୍ତି ପରେ ତାଂକୁ ଅବସରକାଳୀନ ସମ୍ବର୍ଦ୍ଧନା ଦେବା ପାଇଁ ସହକର୍ମୀ ମାନେ ସ୍ଥିର କରିଥିଲେ। ଏହି ଦିନଟିକୁ ସ୍ମରଣୀୟ କରିବା ସହିତ ଅସହାୟ ରୋଗୀ ମାନଂକର ସେବା ପାଇଁ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଛି। ନୀଳଗିରିର ବିଦ୍ୟୁତ ସେକ୍ସନ ଅଫିସର ପାର୍ଥସାରଥୀ ବାରିକଂକର ନେତୃତ୍ୱରେ ସ୍ଥାନିୟ ସର୍କିଟ ହାଉସ ପରିସରରେ ଆୟୋଜିତ ଶିବିରରୁ ୩୫ ୟୁନିଟ ରକ୍ତ ସଂଗୃହିତ ହୋଇଛି। ଟିପିଏନଓଡିଏଲର ନୀଳଗିରି ଉପଖଣ୍ଡ କର୍ମଚାରୀମାନେ ନୀଳଗିରି ଉପଖଣ୍ଡ ରକ୍ତକେନ୍ଦ୍ରର ରକ୍ତ ଅଭାବର ମୁକାବିଲା ପାଇଁ ନିୟମିତ ବ୍ୟବଧାନରେ ରକ୍ତଦାନ ଶିବିରମାନ ଆୟୋଜନ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି। ଆଜିର ଶିବିରରେ ବିଭାଗୀୟ ଏସଡିଓ ଲକ୍ଷ୍ମୀକାନ୍ତ ଷଡଙ୍ଗୀ, ନିର୍ବାହୀ ଯନ୍ତ୍ରୀ ଦେବାଶୀଷ ପୁହାଣ, ମିତ୍ରପୁର ଜେଇ ବିଦ୍ୟୁତ ଦାସ, ନୀଳଗିରି ଉପଖଣ୍ଡ ରକ୍ତଦାତା ସଂଘର ସାଧାରଣ ସଂପାଦକ ବିଜୟ ପାତ୍ର, ବରିଷ୍ଠ ଉପଦେଷ୍ଟା ରବି ରାଉତ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ଓ ଆୟୋଜକମାନଂକୁ ଉତ୍ସାହିତ କରିଥିଲେ।ବିଦ୍ୟୁତ କର୍ମଚାରୀ କାର୍ତ୍ତିକ ଚନ୍ଦ୍ର ବେହେରା, ତପନ କୁମାର ବେହେରା, ପ୍ରଦୀପ ବେହେରା, ଭାସ୍କର ଜୁନା, ପରମେଶ୍ୱର ପଣ୍ଡା ପ୍ରମୁଖ ଶିବିର ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ। ନୀଳଗିରି ରକ୍ତକେନ୍ଦ୍ର ଅଧିକାରୀ ଡା. ତ୍ରିନାଥ ପାଲ, କର୍ମଚାରୀ ସରୋଜକୁମାର ପାଣ୍ଡା,ଗତିକୃଷ୍ଣ ମହାନ୍ତି,ପ୍ରହ୍ଲାଦଚନ୍ଦ୍ର ଗିରି, ବଂଶୀଧର ରାଉଳ, ସଂଗ୍ରାମକେଶରୀ ମହାପାତ୍ର ପ୍ରମୁଖ ରକ୍ତଦାତାମାନଂକର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ରକ୍ତସଂଗ୍ରହ କରିଥିଲେ।

# ଉଦଳା ମହାବିଦ୍ୟାଳୟ ପ୍ରତିଷ୍ଠା ଦିବସ ପାଇଁ ଚାଲିଛି ପ୍ରସ୍ତୁତି ପର୍ବ

## ବିଧାୟକ ଭାସ୍କର ମଢ଼େଇ ମୁଖ୍ୟ ଅତିଥି ଓ ନଗରପାଳ ପ୍ରମିଳା ପଣ୍ଡା ହେବେ ମୁଖ୍ୟବକ୍ତା





ଉଦଳା , ୭/୮ (ନି.ପ୍ର): ଉଦଳା ମହାବିଦ୍ୟାଳୟର ୫୯ ତମ ପ୍ରତିଷ୍ଠା ଦିବସ ଚଳିତ ଅଗଷ୍ଟ ୧୦ ତାରିଖ ଶନିବାର ଦିନ ପାଳିତ ହେବ । ଏଥିପାଇଁ ପ୍ରସ୍ତୁତି ପର୍ବ ଆଗେଇ ଚାଲିଛି । ପାଳିତ ହେବାକୁ ଥିବା ଏହି ପ୍ରତିଷ୍ଠା ଦିବସରେ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ମୁଖ୍ୟ ଅତିଥି ଓ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟ ବକ୍ତା ଭାବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଉଦଳାରେ ମହାବିଦ୍ୟାଳୟଟିଏ ଗଢ଼ିବାରେ ପୂର୍ବତନ ମୁଖ୍ୟମନ୍ତ୍ରୀବିଜୁ ପଟ୍ଟନାୟକ ସହଯୋଗ କରିଥିବା ବେଳେ ସ୍ଥାନୀୟ ଅଂଚଳରେ ନେତୃତ୍ୱ ନେଇଥିବା ବ୍ୟକ୍ତିମାନେ ହେଲେ ଜୟଚନ୍ଦ୍ର ପତ୍ରୀ, ୰ ଜ୍ଞାନ ରଂଜନ ଭୋଳ, ୰ ତ୍ରିଲୋଚନ ମିଶ୍ର, ୰ ରମେଶ ଚନ୍ଦ୍ର ଦାଶ, ୰ ରାବଣ ମଢ଼େଇ, ୰ ଯୋଗେନ୍ଦ୍ର ପଣ୍ଡା, ୰ ଠକରା ବିଶ୍ୱାଳ, ୰ ଶଚିନ୍ଦ୍ର ନାଥ ଦାସ, ୰ ପ୍ରଭାକର ମହାପାତ୍ର, ୰ ରଘୁମଣି ତ୍ରିପାଠୀ, ୰ ପ୍ରଫୁଲ ଦାସ, ୰ ମନମୋହନ ଟୁଡୁ ଇତ୍ୟାଦିଙ୍କ ଅବଦାନ ମହାବିଦ୍ୟାଳୟର ଇତିହାସ କେବେ ଭୁଲିବ ନାହିଁ ବୋଲି କୁହାଯାଇଛି । ଉଦଳା ମହାବିଦ୍ୟାଳୟର ସୁନାମ ଆଜି ସମଗ୍ର ଓଡ଼ିଶାରେ ଶୁଣିବାକୁ ମିଳୁଛି । ଏହା ଆମ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ନଗରପାଳ ଶ୍ରୀମତୀ ପଣ୍ଡା କହିବା ସହ ଏଠାରୁ ପ୍ରତିବର୍ଷ ପ୍ରକାଶ ପାଉଥିବା ସ୍ମରଣିକା 'କାନନିକା' ର ରଜତ ଜୟନ୍ତି ସଂଖ୍ୟା ମୟୂରଭଂଜ ଇତିହାସ ଲେଖାଯିବା ସମୟରେ ସହାୟକ ପୁସ୍ତକ ଭାବରେ ନିଆଯାଇଛି ବୋଲି ଗଣମାଧ୍ୟମକୁ ଜଣାଇଛନ୍ତି। ମହାବିଦ୍ୟାଳୟର ପ୍ରଥମ ବ୍ୟାଚର ଛାତ୍ର ତଥା ଆଲୁମିନିର ସଭାପତି ଡ଼. ଶଚିନ୍ଦ୍ର ନାଥ ପରିଡ଼ା ପ୍ରତିଷ୍ଠା ଦିବସକୁ ସଫଳ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି ।

# ସରକାରୀ ଉଚ୍ଚ ବିଦ୍ୟାଳୟକୁ ବିଧାୟକଙ୍କ ଅଚନାକ ଗସ୍ତ

ଜୟପୁର, ୭/୮ (ନି.ପ୍ର): ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁରକୁ ଅଚାନକ ଗସ୍ତ କଲେ ବିଧାୟକ ତାରା ପ୍ରସାଦ ବାହିନିପତି । ବିଦ୍ୟାଳୟର କ୍ଲାସରୁମ ରେ ପାଣି ଗଳୁଥିବା , ପାନୀୟ ଜଳ ସମସ୍ୟା , ଡ୍ରେନ ସମସ୍ୟା ରହିଛି । ୩୬ ଲକ୍ଷ ଟଙ୍କା ବିନିମୟରେ ନିର୍ମାଣଧୀନ କୋଠା ଅଧାପନ୍ତରିଆ ହୋଇ ରହିଛି ତାହା ସମ୍ପୂର୍ଣ୍ଣ କରିବା ପାଇଁ ରାସ୍ତା ଓ ଗୃହ ବିଭାଗର ଏସଡିଓ ଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି । ଛାତରେ ପାଣି ଜମି କାନ୍ଥ ଭିଜୁଛି । ଛାତ୍ରୀ , ଶିକ୍ଷୟତ୍ରୀ ଙ୍କ ପାଇଁ ରହିଥିବା ଟୟଲେଟରେ ପାଣି ସଂଯୋଗ ହୋଇ ନାହିଁ। ପାଣି ନିଷ୍କାସନର ବ୍ୟବସ୍ଥା ନାହିଁ । ତୁରନ୍ତ ସମାଧାନ ପାଇ ରାସ୍ତା ଓ ଗୃହ ବିଭାଗର ଏସଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହାପରେ ବିଧାୟକ ବିଦ୍ୟାଳୟର ଚାରି ପଟେ ବୁଲି ସ୍ଥିତି ପରଖିଥିଲେ । ଏହି ଅଚାନକ ଗସ୍ତରେ ଶ୍ରେଣୀ ଗୃହରେ ବିଧାୟକ ବାହିନିପତି ପହଞ୍ଚି ଛାତ୍ର ଛାତ୍ରୀଙ୍କୁ ସାଧାରଣ ଜ୍ଞାନ, ପଣକିଆ ଆଦି ପଚାରିଥିଲେ। ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ନାମ ବି ଛାତ୍ରଛାତ୍ରୀ ଜାଣି ନାହାନ୍ତି । ଏଠାରେ ପାଠ ପଢି ବହୁ ଛାତ୍ର ଆଇଏସ , ଆଇପିଏସ ହେବା ସହ ଦେଶ ବିଦେଶରେ ନାମ ରଖିଛନ୍ତି। ବିଦ୍ୟାଳୟ ଭିତି ଭୂମିର କିଛି ସମସ୍ୟା ରହିଛି। ତାହା ତୁରନ୍ତ ସମାଧାନ କରାଯିବ ବୋଲି ବିଧାୟକ ବାହିନିପତି ସୂଚନା ଦେଇଛନ୍ତି ।

# ମହିଳା ଓ କିଶୋରୀ ବାଳିକାଙ୍କ ସ୍ୱାସ୍ଥ୍ୟରକ୍ଷା ପାଇଁ ବିଶ୍ୱାସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ




ଲଙ୍ଗଳେଶ୍ୱର, ୭/୮ (ନି.ପ୍ର): ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତର ରାମନଗର ରସଲପୁର ଗ୍ରାମରେ 'ବିଶ୍ୱାସ' ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ରବିବାର ମହିଳା ଓ କିଶୋରୀ ବାଳିକାଙ୍କ ସ୍ୱାସ୍ଥ୍ୟ ରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ ସହିତ ସାନିଟାରୀ ନାପକିନର ବ୍ୟବହାର ଓ ତାର ନିରାପଦ ବିନଷ୍ଟି କରଣ ଉପରେ ତସଲିମ ପ୍ରଦାନ କରାଯିବା ସହିତ କିଶୋରୀ ବାଳିକା ଓ ମହିଳାଙ୍କୁ ସାନିଟାରୀ ନାପକିନ ବଣ୍ଟନ କରାଯାଇଥିଲା।କାର୍ଯ୍ୟକ୍ରମ ସଂଯୋଜକ ଦିପ୍ତୀମୟୀ ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଆରପି ରଶ୍ମିତା ମାଝୀ,ମହିଳା ସ୍ୱେଚ୍ଛାସେବୀ ଲିଲି ବାଳା ସାସମା ଓ ଅମିତା କର ପ୍ରମୁଖ ଯୋଗଦେଇ କିଶୋରୀ ବାଳିକା ଓ ମହିଳା ମାନଙ୍କ ସ୍ୱାସ୍ଥ୍ୟ ରକ୍ଷା ପାଇଁ ପରିଷ୍କାର ପରିଚ୍ଛନ୍ନତା ଜରୁରୀ ଅଟେ ବୁଲି କହିଥିଲେ।ପୂର୍ବର ବ୍ୟବସ୍ଥାକୁ ଦୂରକରି ବର୍ତ୍ତମାନର ବ୍ୟବସ୍ଥାକୁ ଆପଣେଇବା ବିଷୟରେ ବିଭିନ୍ନ ଉଦାହରଣ ମାଧ୍ୟମରେ ବୁଝାଇ ଥିଲେ।ଏବଂ ସାନିଟାରୀ ନାପକିନର ବ୍ୟବହାର ଓ ତାର ନିରାପଦ ବିନଷ୍ଟି କରଣ ଉପରେ ଉପସ୍ଥିତ କିଶୋରୀ ବାଳିକା ଓ ମହିଳା ମାନଙ୍କୁ ବିବୁଝାଇବା ସହିତ ନାପକିନ ବଣ୍ଟନ କରିଥିଲେ। ବିଶ୍ୱାସର ସମ୍ପାଦକ ଅଜୟ କୁମାର ସାହୁ କାର୍ଯ୍ୟକ୍ରମ ବିଷୟରେ ବିଷଦ ଭାବରେ ବର୍ଣନା କରିବା ସହିତ ଉପସ୍ଥିତ କିଶୋରୀ ବାଳିକା ଓ ମହିଳା ମସନଙ୍କୁ ସଚେତନ କରାଇ ସମସ୍ତେ ଯେପରି ସାନିଟାରୀ ନାପକିନ ବ୍ୟବହାର ପାଇଁ ଶପଥ ପାଠ କରାଇ ଥିଲେ।ବିଶ୍ୱାସ ର ସହଯୋଗୀ ଉତ୍ତମ କୁମାର ପିଳା, ଅଜିତ କୁମାର ପଣ୍ଡା,ପରେଶ କର ପ୍ରମୁଖ ସହଯୋଗ କରିଥିଲେ।

# ବାଲେଶ୍ୱରୀ ଜଉ କଣ୍ଢେଇ ବାହାଘର ଉର୍ତ୍ସବର ଉଦ୍ୟାପନୀ ସନ୍ଧ୍ୟା

## ବରବଧୂ ଚନ୍ଦ୍ରମଣି ସୁଲୋଚନାଙ୍କ ପ୍ରଶଂସାରେ ଶତମୁଖ ଶାଶୁଘର ବାପଘର ଓ ଏ ଓଡ଼ିଆ ଜାତି: ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ



ବାଲେଶ୍ୱର, ୭/୮ (ନି.ପ୍ର): ଝିଅ ସୁଲୋଚନା ସୁଗୃହିଣୀ ହୋଇ ଶାଶୁଘରକୁ ସୁଖଶାନ୍ତିରେ ଭରିଦ୍ୱେ ଏ ବିଶ୍ୱାସ ଦେଇଥିଲେ ବ୍ୟାସ କବି ଫକୀର ମୋହନଙ୍କ ସହ ସୁଲୋଚନାଙ୍କ ପିତାମାତା ଡ଼ଃ ପଙ୍କଜ ଓ ସୁଚିତ୍ରା । ଆଜି ସେ ବିଶ୍ୱାସ ଓ ଭରସାରେ ସନ୍ତୋଷ ବ୍ୟକ୍ତ କରିଛନ୍ତି ଶାଶୁଘରକୁ ଆସି ଓଡିଶା ସରକାରଙ୍କର ମନ୍ତ୍ରୀ ମାନ୍ୟବର ସୂର୍ଯ୍ୟବଂଶୀ ସୂରଜ ଓ ଚନ୍ଦ୍ରମଣିଙ୍କର ପିତାମାତା କାଳିକିଙ୍କର ଓ ସୌଭାଗିନୀ । ଓଡ଼ିଶାର ଅନ୍ୟତମ ବାଲେଶ୍ୱରୀ ଲୋକ କଳା ଓ ସଂସ୍କୃତିର ମହାପର୍ବ ଜଉ କଣ୍ଢେଇ ବାହାଘର ଉତ୍ସବର ଆଜିଥିଲା ଉଦଯାପନୀ ସନ୍ଧ୍ୟା । ଜଉକଣ୍ଢେଇ ବାହାଘର ସମିତିର ଅଧ୍ୟକ୍ଷ ତଥା ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଲେ ଯେ ଜଉକଣ୍ଢେଇ ବାହାଘର ଉତ୍ସ୍ୱ ଯେଉଁ ସାମାଜିକ ବାର୍ତ୍ତା ଓ କର୍ମର ସନ୍ଦେଶ ଦେଉଛି ତାହା ସମସ୍ତ ଓଡ଼ିଆଙ୍କୁ ଅନୁପ୍ରାଣିତ କରୁଛି। ବ୍ୟାସ କବି ଫକୀର ମୋହନଙ୍କର ଏହି ପବିତ୍ରମାଟିରେ ତାଙ୍କରି ପ୍ରସିଦ୍ଧ ଗଳ୍ପର ନାୟକ ନାୟିକା ଚନ୍ଦ୍ରମଣି ଓ ସୁଲୋଚନା ଯେଉଁ ସାମାଜିକ ମୂଲ୍ୟବୋଧର ବାର୍ତ୍ତା ଦେଇଛି ତାହା ମୋତେ ବ୍ୟକ୍ତିଗତ ଭାବେ ଅଭିଭୂତ କରିଛି । ବାଲେଶ୍ୱରର ଲୋକ କଳା, ସାହିତ୍ୟ, ସଂସ୍କୃତି ଆଦିର ବିକାଶ ଓ ପ୍ରକାଶର ଏ ବାହାଘର ସମିତିର ଉଦ୍ୟମକୁ ପ୍ରଶଂସା କରି ମନ୍ତ୍ରୀ କହିଲେ ଯେ ଏ ଉତ୍ସବର ସଫଳତା ପାଇଁ ଆମ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବ ବୋଲି ମୁଁ ଏଠାରେ ପ୍ରତିଶ୍ରୁତି ଦେଇ ଯାଉଛି । ଏ ଅନୁଷ୍ଠାନ ସରକାରୀ ମାନ୍ୟତା ପାଉ ବୋଲି ଆମେ ଚେଷ୍ଟା କରିବୁ । ମାନ୍ୟବର ମନ୍ତ୍ରୀ ଏହି ଅବସରରେ ଜଉକଣ୍ଢେଇ ବାହାଘରର ସ୍ମରଣୀକା ଉନ୍ମୋଚନ କରିଥିଲେ । ଉପସ୍ଥିତ ବରକର୍ତ୍ତା କର୍ତ୍ତି କବି ତଥା ଲେଖକ କାଳିକିଙ୍କର ଦାସ ଓ ତାଙ୍କର ସହଧର୍ମିଣୀ ସୌଭାଗିନୀ ମିଶ୍ର ତଥା କନ୍ୟାକର୍ତ୍ତା, କର୍ତ୍ତି ବିଶିଷ୍ଟ ଶିକ୍ଷାବିତ ଡ଼ଃ ପଙ୍କଜ କୁମାର ଜେନା ଓ ଡ଼ଃ ସୁସ୍ମିତା ଜେନାଙ୍କୁ ଶୁଭେଚ୍ଛା ଜଣେଇଥିଲେ । ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ବାଲେଶ୍ୱର ସଦର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ୍ତ କହିଲେ ଯେ ସାହିତ୍ୟ ସଂସ୍କୃତି ଓ କଳାର ଏହି ମହାକୁମ୍ଭରେ ଯୋଗ ଦେବା ଏକ ସୌଭାଗ୍ୟର କଥା । ଏ ଜଉ କଣ୍ଢେଇ ବାହାଘର ଉତ୍ସ୍ୱ ନିଶ୍ଚିତ ଭାବରେ ବରଗଡ଼ର ଧନୁଯାତ୍ରା, ସମ୍ବଲପୁରର ଶୀତଳ ଷଷ୍ଠୀ ପରି ଲୋକପର୍ବର ମାନ୍ୟତା ଏ ସରକାର ଅମଳରେ ପାଇବ ଏ ପ୍ରତିଶ୍ରୁତି ଆମେ ଦେଉଛୁ । ଇମାମି ପେପର ମିଲର ବ୍ୟବସ୍ଥାପକ ଡ଼ଃ ଈସୁଫଅଲ୍ଲୀ ସଲା ଓ ସମାଜସେବୀ ମୌସମ କୁମାର ସିଂହ ଯୋଗଦେଇ କହିଲେ ଯେ ସବୁବର୍ଷ ଏହି ମହାପର୍ବରେ ନିଜକୁ ସାମିଲ କରି ଯଥାସମ୍ଭବ ସହଯୋଗ ପ୍ରଦାନ କରିବାପାଇଁ ଆମେ ପ୍ରତିଶ୍ରୁତି ଦେଉଛୁ । ମୁଖ୍ୟବକ୍ତା ଭାବରେ ଫକୀର ମୋହନ ସାହିତ୍ୟ ପରିଷଦର ପୂର୍ବତନ ସଭାପତି ଡ଼ଃ ଶିରିଶ ଚନ୍ଦ୍ର ଜେନା ଚନ୍ଦ୍ରମଣି ଓ ସୁଲୋଚନା କେମିତି ଆଜିର ସମାଜ ପାଇଁ ଏକ ଚିରନ୍ତନ ସତ୍ୟର ପ୍ରତିଶ୍ରୁତି ହୋଇ ରହିଛି ସେ ବିଷୟରେ ଆଲୋକପାତ କରିଥିଲେ । ଆପଣାର ସଭାପତି ଅଭିଭାଷଣରେ ଜଉ କଣ୍ଢେଇ ବାହାଘର ସମିତିର ସଭାପତି ଶ୍ରୀମତୀ ସୁବାସିନୀ ଜେନା କହିଲେ କଳା, ସାହିତ୍ୟ, ସଂସ୍କୃତି ଆମ ବାଲେଶ୍ୱର ବାସୀଙ୍କର ପ୍ରାଣର ସ୍ପନ୍ଦନ । ଏହାର ବିକାଶରେ ହିଁ ଆମର ଜୀବନ । ବରକର୍ତ୍ତା କବି ତଥା ଲେଖକ କାଳିକିଙ୍କର ଦାସ ତଥା କନ୍ୟା କାର୍ତ୍ତା ଡ଼ଃ ପଙ୍କଜ ଜେନା କହିଲେ ଯେ ଫକୀର ମୋହନ ସେନାପତିଙ୍କର କାଳଜୟୀ ଗଳ୍ପ ପେଟେଣ୍ଟ ମେଡ଼ିସିନର ନାୟକ ନାୟିକାଙ୍କର ପିତାମାତା ହେବା ଆମ ପାଇଁ ଗୌରବର କଥା । ଏଥିପାଇଁ ଡ଼ଃ ଦାସ ଓ ଡ଼ଃ ଜେନା ଜଉ କଣ୍ଢେଇ ଉତ୍ସ୍ୱ ସମିତିକୁ କୃତଜ୍ଞତା ଜଣେଇ ଥିଲେ । ଏହି ଅବସରରେ ଆମ ଉତ୍ସବର ଜଣେ ଉଦ୍ୟୋଗୀ ଓ ସଂଗ୍ରାମୀ ମହିଳା ମାଳତୀ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ବରିଷ୍ଠ ସଦସ୍ୟ ଇଂ ହୃଷୀକେଶ ସାହୁ ଅତିଥିମାନଙ୍କର ପରିଚୟ ଦେଇଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୁରୁ ନନ୍ଦ କିଶୋର ଦାସଙ୍କର ସନ୍ତୁର ବାଦନ ଓ କଣ୍ଠଶିଳ୍ପୀ ମାନଙ୍କର ସଙ୍ଗୀତ ପରିବେଷଣ ସମସ୍ତଙ୍କ ମନ ମୋହିଥିଲା । ଶ୍ରୀଯୁକ୍ତ ରାଜେଶ କୁମାର ଗିରି ପ୍ରାକ କଥା ରଖିଥିଲାବେଳେ ଶ୍ରୀମତୀ ଅଳକା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଷ୍ଠାତା ସଦସ୍ୟ ଶିଳ୍ପୀ କେଶୁଦାସ, ଡ଼ କୁମାର ଗୋପାଳ, ଉପେନ୍ଦ୍ର କୁମାର ପାତ୍ର, ହୃଷିକେଶ ସାହୁ, ଗୌରାଙ୍ଗ ପାଣିଗ୍ରାହୀ, ରଘୁନାଥ ଲେଙ୍କା, ପରେଶ ଦାସ, ଲକ୍ଷ୍ମୀ ଘୋଷ, ବ୍ୟୋମ ରଥ, ବ୍ରହ୍ମ ରଥ, ଅଞ୍ଜଳି ପଣ୍ଡା, କନକଲତା ଦାସ, ଅନିତା ରଥ, ଧରିତ୍ରୀ ମିଶ୍ର, ଗୀତା, ସାଲୁ, କବିତା ଉର୍ବଶୀ, ଲିପି, ଅର୍ଚ୍ଚନା, ରଚନା ସେନ ଆଦି ସମସ୍ତ ସଦସ୍ୟ ସଦସ୍ୟାମାନେ ସହଯୋଗ କରିଥିଲେ ।

# ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

## ଭାଙ୍ଗିଗଲା...

ନେଇ ଉଠିଛି ପ୍ରଶ୍ନ । ଅଲିମ୍ପିକ୍ସର ପୁରୁଣା ନିୟମ ଅନୁସାରେ ସମାନ ଦିନରେ ଖେଳ ଶେଷ ହେବା କଥା। ମେଡାଲ ବିଜେତା ମଧ ନିର୍ଣ୍ଣୟ ହୋଇଯାଇଥାଏ । କିନ୍ତୁ ପ୍ୟାରିସ୍ ଅଲିମ୍ପିକ୍ସରେ କୁସ୍ତି ଖେଳକୁ ୨ ଦିନ ରଖାଯାଇଛି । ଏହି ୨ ଦିନ ଯାକ ଖେଳାଳିଙ୍କ ଓଜନ କରାଯିବାକୁ ନିୟମ ରଖିଛି ଅଲିମ୍ପିକ୍ସ ମହାସଂଘ । ଏହାକୁ ନେଇ ମଧ ଅନେକ ସଂଶୟ ସୃଷ୍ଟି ହେଉଛି । ପୂର୍ବରୁ ୫୦ କେଜି ଓଜନରେ ହିଁ କ୍ୱାଟର ଓ ସେମିଫାଇନାଲ ଜିତି ପଦକ ପକ୍କା କରିଥିଲେ ବିନେଶ । କିନ୍ତୁ ଗୋଟିଏ ରାତିରେ ୧୫୦ ଗ୍ରାମ ଓଜନ ବଢ଼ିବାରୁ ତାଙ୍କୁ ଅଯୋଗ୍ୟ ଘୋଷଣା କରିଛି ଅଲିମ୍ପିକ୍ସ ମହାସଂଘ । ବିନେଶ ଓଜନ କମାଇବାକୁ ସମୟ ମାଗିଥିଲେ ମଧ ଏହାକୁ ପ୍ରତ୍ୟାକ୍ଷାନ କରିଦିଆଯାଇଛି । ପ୍ୟାରିସ ଅଲିମ୍ପିକ୍ସରେ ଅନେକ ମହାରଥୀଙ୍କୁ ପରାସ୍ତ କରିଥିଲେ ଭିନେଶ । ଅଗଷ୍ଟ ୭ ତାରିଖରେ ପ୍ରଥମ ମୁକାବିଲାରେ ଅଲିମ୍ପିକ ଚାମ୍ପିଅନ, ଦ୍ୱିତୀୟ ମୁକାବିଲାରେ ୟୁରୋପିଆନ୍ ଚାମ୍ପିଅନ ଏବଂ ତୃତୀୟ ମୁକାବିଲାରେ ପ୍ୟାନ ଆମେରିକାନ୍ ଚାମ୍ପିଅନଙ୍କୁ ପରାସ୍ତ କରି ଫାଇନାଲରେ ସ୍ଥାନ ପକ୍କା କରିଥିଲେ ବିନେଶ । ଏହି କାରଣରୁ ସେ ଷଡ଼ଯନ୍ତ୍ରର ଶିକାର ହୋଥାଇ ପାରନ୍ତି ବୋଲି ସନ୍ଦେହ କରାଯାଉଛି । ଅନେକ ଦିନର ସଂଘର୍ଷ ଓ ତ୍ୟାଗ ପରେ ମିଳିଥିଲା ସଫଳତା । ପ୍ରଥମ ଭାରତୀୟ ମହିଳା ଭାବେ ଅଲିମ୍ପିକ୍ସ କୁସ୍ତିରେ ଫାଇନାଲରେ ପହଁଚି ପାରିଥିଲେ ବିନେଶ ଫୋଗାଟ । ସ୍ୱର୍ଣ୍ଣ ଜିତିବା ମଧ୍ୟରେ ଥିଲା ଆଉ ମାତ୍ର ଗୋଟି ପାଦର ଦୂରତ । କିନ୍ତୁ ମ୍ୟାଚର କିଛି ଘଣ୍ଟା ପୂର୍ବରୁ ଏହି ସ୍ୱପ୍ନ ଭାଙ୍ଗିଯାଇଛି । ଯାହାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ବିନେଶ । ଏହି ଘଟଣା ପରେ ସେ ଅସୁସ୍ଥ ହୋଇପଡ଼ିଛନ୍ତି । ତେବେ ଭାରତର ଏହି ବୀରାଙ୍ଗନାଙ୍କ ପାଇଁ ଗର୍ବ କରୁଛି ଦେଶ । ବିନେଶଙ୍କ ପାଇଁ ବଢ଼ିବାରେ ଲାଗିଛି ସମର୍ଥନ ।

## ଆସୁଛି ଆଉ...

ୱାର୍ଣ୍ଣିଂ ଜାରି କରାଯାଇଛି। ସେହିଭଳି ମାଲକାନଗିରି, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, କଟକ, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର ଓ ସୋନପୁରର ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳ (୭ରୁ ୧୧ ସିଏମ୍) ବର୍ଷା ହେବାର ସମ୍ଭାବନା ଅଛି। ସେଥିପାଇଁ ଏହି ସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆସନ୍ତାକାଲି ସକାଳ ସାଢ଼େ ୮ଟାରୁ ୯ ତାରିଖ ସକାଳ ସାଢ଼େ ୮ଟା ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସୋନପୁର ଓ ବଲାଙ୍ଗିରର ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳ (୭ରୁ ୧୧ସିଏମ୍) ବର୍ଷା ହୋଇପାରେ। ସେଥିପାଇଁ ଏହି ସବୁ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣି ଜାରି କରାଯାଇଛି। ୯ ତାରିଖ ସକାଳ ସାଢ଼େ ୮ଟାରୁ ୧୦ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଓ ଦେବଗଡ଼ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ସେଥିପାଇଁ ଏହି ସବୁ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୧୦ ତାରିଖ ସକାଳ ସାଢ଼େ ୮ଟାରୁ ୧୧ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼,କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ କରାଯାଇଛି।

## କର୍ମଚାରୀଙ୍କ ଗୁପ୍ତ...

ଉଲ୍ଲେଖ କରାଯାଇଛି ଯେ ରାଜ୍ୟ ସରକାର ହୃଦୟଙ୍ଗମ କରିଛନ୍ତି ଯେ ବର୍ତ୍ତମାନ ପରିପ୍ରେକ୍ଷୀରେ '୫ଟି ଚାର୍ଟର' ଏବଂ 'ମୋ ସରକାର'ର ମୂଲ୍ୟାଙ୍କନର କୌଣସି ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ନାହିଁ। ତେଣୁ ଉକ୍ତ ଉପାଦାନଗୁଡ଼ିକୁ ରାଜ୍ୟର ସମସ୍ତ ବର୍ଗର (କ,ଖ ଏବଂ ଗ) କର୍ମଚାରୀଙ୍କ ପାଇଁ ଏବେ ପ୍ରଚଳିତ ଥିବା ପିଏଆର/ସିସିଆର ଫର୍ମାଟରୁ ପ୍ରତ୍ୟାହାର କରି ୨୦୧୯-୨୦ ପୂର୍ବରୁ ପ୍ରଚଳିତ ପିଏଆର/ସିସିଆର ଫର୍ମାଟକୁ ୨୦୨୪-୨୫ ଠାରୁ ପୁନଶ୍ଚ ପ୍ରଚଳନ କରିବାକୁ ସରକାର ନୀତିଗତ ନିଷ୍ପତ୍ତି ଗ୍ରହଣ କରିଛନ୍ତି।

## ସିବିଆଇ ଖୋଲିବ...

ରାଜ୍ୟରେ ବିଜେଡି କ୍ଷମତାରେ ଥିଲା । ଦୀର୍ଘ ୮ ବର୍ଷ ପରେ ସିବିଆଇ ଖୋଲିବ ପୁରୁଣା ଫାଇଲ । ହିଣ୍ଡାଲକୋ ନାଁରେ ମାମଲା ଦାୟର କରିଛି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ । ଅନିୟମିତତା, ଦୁର୍ନୀତି ଓ ଲାଞ୍ଚ ଅଭିଯୋଗରେ ସିବିଆଇ ପକ୍ଷରୁ ଆଦିତ୍ୟ ବିର୍ଲା ଗ୍ରୁପର- ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ ବିରୋଧରେ ମାମଲା ରୁଜୁ କରାଯାଇଛି । ଏହି ପ୍ରସଙ୍ଗରେ ପୂର୍ବ ସରକାରଙ୍କୁ ଟାର୍ଗେଟ କରିଛି ବିଜେପି । ସିବିଆଇ ତଦନ୍ତ ପରେ ନିର୍ମଳ ଭାବମୂର୍ତ୍ତି କଥା କହୁଥିବା ଲୋକଙ୍କ ଅସଲ ମୁଖା ଖୋଲିଯିବ ବୋଲି ଦାବି କରିଛି। କଂଗ୍ରେସ କହିଛି କେହି କାହାରିକୁ ଅନୁକମ୍ପା ଦେଖାଇଥିଲେ ଅଡୁଆ ହେବ। ବିଜେଡି କିନ୍ତୁ ୨୪ ବର୍ଷର ସ୍ୱଚ୍ଛ ଶାସନ କଥା ଦୋହରାଇଛି । ଏବେ ଦେଖିବାର କଥା ୨୦୧୬ ଭଳି ମାମଲ ଚାପିବ, ନା ସିବିଆଇ ଏହି ମାମଲା ଆଗକୁ ନେବ ? ଯେଉଁମାନେ ଅନିୟମିତା କରିଥିବେ, କିମ୍ବା ଅନୁକମ୍ପା ଦେଖାଇଥିବେ, ସେମାନଙ୍କ ବିରୋଧରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ହେବ ?

## ଭୁବନେଶ୍ୱରରେ...

ଏହା ସହିତ ସେମାନଙ୍କ ଇଚ୍ଛା ବିରୁଦ୍ଧରେ ସେମାନଙ୍କୁ ବିଳମ୍ବିତ ରାତି ଯାଏ ଡ୍ୟାନ୍ସ କରିବା ପାଇ ସେ ବାଧ କରୁଥିଲେ ବୋଲି ଅଭିଯୋଗ ହୋଇଛି। ସେଇ ବାର ଗାର୍ଲ ମାନଙ୍କୁ ମାଲିକ ଶିବ ପ୍ରସାଦ ମଲ୍ଲିକ ଅଶାଳୀନ ଭାଷାରେ ଗାଳି ଗୁଲଜ କରିଥିବା ଅଭିଯୋଗ ହୋଇଛି। ଏନେଇ ଯୁବତୀ କମିଶନରେଟ ପୁଲିସର 'ହର' ଟିମକୁ ଜଣାଇଥିଲେ। ପୁଲିସ ଓ ହର୍ ଟିମ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ।

## ବିଡିଓଙ୍କ ଘରେ ବିଡା ବିଡା ...

ଟପି ଯାଇଥିବା ବେଳେ ଏବେ ବି ୮ଟି ସ୍ଥାନରେ ଚଢାଉ କରି ଖାନତଲାସ ଚାଲିଛି। ପ୍ରତାପ ବାବୁଙ୍କ ସିଆଜ କାର, ଇଭି କାର, ବୁଲେଟ, ସ୍କୁଟି ଓ ଇଭି ସ୍କୁଟି ଜବତ କରାଯାଇଛି। ପ୍ରଶ୍ନ ବାଣରେ ଘାଇଲା ବିଡିଓ ପ୍ରଦୀପ ସାହୁଙ୍କୁ ଭିଜିଲାନ୍ସ କାର୍ଯ୍ୟାଳୟକୁ ଡାକି ତନାଘନା ଜେରା କରାଯାଇଛି।

## ସରକାରଙ୍କ ହସ୍ତକ୍ଷେପ...

ନା ପଶ୍ଚିମବଙ୍ଗ ନା ଉତ୍ତର ପ୍ରଦେଶ କେଉଁଠୁ ବି ଆଳୁ ଆସିନି। ପ୍ରଶ୍ନ ଉଠୁଛି, ଯଦି ପଶ୍ଚିମବଙ୍ଗରୁ ନ ଆସି ପାରୁଛି, ଉତ୍ତରପ୍ରଦେଶରୁ କାହିଁକି ଆଳୁ ଅଣାଯାଉନି ? ପାଇକାରୀ ଆଳୁ ବ୍ୟବସାୟୀଙ୍କ କହିବା କଥା, ପଶ୍ଚିମବଙ୍ଗରେ ଏବର୍ଷ ଆଳୁ ଉତ୍ପାଦନ କମିଛି। ତେଣୁ ମମତା ସରକାର ଓଡ଼ିଶାକୁ ଆଳୁ ଯୋଗାଣ ଉପରେ କଟକଣା ଲଗାଇଛନ୍ତି। ଅନ୍ୟପଟେ ଉତ୍ତର ପ୍ରଦେଶରୁ ଗୋଟେ ଥର ଆଳୁ କିଣି ଢେର କ୍ଷତି ସହିଛନ୍ତି ବ୍ୟବସାୟୀ। ତେଣୁ ସରକାର ନିଜେ ଆଳୁ ମଗାଇ ଲୋକଙ୍କୁ ଯୋଗାନ୍ତୁ ବୋଲି ଦାବି କରିଛନ୍ତି। ସେପଟେ ରାଜ୍ୟ ବ୍ୟବସାୟୀ ମହାସଂଘ କହିଛି, ଏବେ ପଶ୍ଚିମବଙ୍ଗ ସୀମାରେ ପାଖାପାଖି ୩୦୦ ଟ୍ରକ ଆଳୁ ବୋଝେଇ ହୋଇ ରହିଛି। ପଶ୍ଚିମବଙ୍ଗ ସରକାର ଓ ବ୍ୟବସାୟୀଙ୍କ ବୈଠକ ବସିବ ପରେ କାଲିଠୁ ଆମ ରାଜ୍ୟରେ ଆଳୁ ସ୍ଥିତି ସ୍ୱାଭାବିକ ହେବ ବୋଲି ଆଶା କରାଯାଉଛି। ରାଜ୍ୟରେ ଆଳୁ ଦର ଆକାଶଛୁଆଁ ହେବାପରେ ସ୍କୁଲ ମଧ୍ୟାହ୍ନ ଭୋଜନ ଓ ଆହାର କେନ୍ଦ୍ର ଡାଲମାରୁ ଉଭେଇ ଯାଇଛି ଆଳୁ। ସେପଟେ ଅନୁଗୁଳରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଯୋଗାଣ ବିଭାଗ କର୍ମଚାରୀଙ୍କୁ ପଚା ଆଳୁ ଦେଇ ଆଳୁ ସମସ୍ୟାର ସମାଧାନ ପାଇଁ ପ୍ରତିବାଦ କରାଯାଇଛି।

# ମାଆ ବାପ ଛେଉଣ୍ଡ ପରି ଖତ ଖାଉଛି ୧୦୮ ଆମ୍ବୁଲାନ୍ସ: ପ୍ରଶାସନର ଦୃଷ୍ଟି ପଡ଼ିବ କେବେ ?

ହରିଚନ୍ଦନପୁର, ୭/୮ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ କାର୍ଯ୍ୟାଳୟ ମଧ୍ୟରେ ମାଆ ବାପା ଛେଉଣ୍ଡ ପରି ଖତ ଖାଉଛି ୨ଟି ୧୦୮ ଆମ୍ବୁଲାନ୍ସ, ପ୍ରଶାସନର ଦୃଷ୍ଟି ପଡ଼ିବ କେବେ ? ଖବର ମୁତାବକ ଓଡି ୦୨ ଏ ଡବ୍ଲୁ ୧୭୧୧ ଓ ଓଡି ୦୨ ଏ ୟାଇ ୦୫୯୯ ଏହି ଦୁଇଟି ୧୦୮ ଆମ୍ବୁଲାନ୍ସ ଦୀର୍ଘଦିନ ହେବ ଏଠାରେ ଅଚଳ ଅବସ୍ଥାରେ ପଡ଼ିରହିଛି । ୧୭୧୧ ଆମ୍ବୁଲାନ୍ସ ଟି ୬ବର୍ଷ ୧ମାସର ତଥା ୨୩ ଜୁନ ୨୦୧୮ ମସିହାରେ ପଞ୍ଜିକୃତ ହୋଇଥିବା ବେଳେ ଏହାର ଫିଟନେସ୍ ଅବଧି ୧୬ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ରହିଛି । ଏଥିସହ ଇନ୍ସୁରାସ୍ ଓ ପଲ୍ୟୁସନ ଅବଧି ୩/୪ରୁ ହେବ ଶେଷ ହୋଇଥିବା ସରକାରୀ ତଥ୍ୟରୁ ଜଣାପଡିଛି । ୦୫୯୯ ଆମ୍ବୁଲାନ୍ସ ଟି ୫ବର୍ଷ ୧୦ ମାସ ତଥା ୨୬ ସେପ୍ଟେମ୍ବର ୨୦୧୮ ମସିହାରେ ପଞ୍ଜିକୃତ ହୋଇଥିବା ବେଳେ ଏହାର ଫିଟନେସ୍ ଅବଧି ୦୮ ସେପ୍ଟେମ୍ବର ୨୦୨୩ ପର୍ଯ୍ୟନ୍ତ ରହିଛି । ଏଥିସହ ଇନ୍ସୁରାସ୍ ଅବଧି ୫ ମାସ ପୂର୍ବରୁ ସରିଥିବା ବେଳେ ପଲ୍ୟୁସନ ଅବଧି ୦୧ ସେପ୍ଟେମ୍ବର ୨୦୨୩ରେ ସରିଥିବା ସରକାରୀ ତଥ୍ୟରୁ ଜଣାପଡିଛି । ସରକାରୀ ପଞ୍ଜିକରଣ ଅନୁସାରେ ଦୀର୍ଘ ୧୫ ବର୍ଷ ପର୍ଯ୍ୟନ୍ତ ଗାଡ଼ି ଗୁଡ଼ିକ ଠିକ୍ ଭାବେ ରାସ୍ତାରେ ଚାଲି ପାରିବ । ୧୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଚାଲିବା ପରେ ଗାଡ଼ିର ଯାଂଚ କରି ତାହାର ଫିଟନେସ୍ ବୈଧତା ଆଉ ୫ବର୍ଷ ପର୍ଯ୍ୟନ୍ତ ଦିଆଯାଉଛି । ଏଠାରେ ପ୍ରଶ୍ନ ଯେ ୫/୬ ବର୍ଷ ହୋଇଥିବା ଏହି ଦୁଇଟି ଗାଡ଼ିରେ ଏମିତି କ'ଣ ଅସୁବିଧା ରହିଛି, ଯେ ତାହା ରାସ୍ତାରେ ଚାଲିବା ପାଇଁ ଯୋଗ୍ୟ ହେଲାନାହିଁ । ରାଜସ୍ୱ ଅର୍ଥରୁ ବୋଲି ଏହି ଗାଡ଼ି ଗୁଡ଼ିକୁ କାମରେ ନଲଗାଇ ଖତ ଖୁଆଇବାକୁ ପ୍ରଶାସନ ପଛଘୁଂଚା ଦେଲାନାହିଁ ସେ ନେଇ ସ୍ଥାନୀୟ ଅଂଚଳରେ ଆଲୋଚନାର ବିଷୟ ପାଲଟିଛି । ଗତ ସ୍ଥାୟୀ ସରକାରରେ କେବଳ ଯୋଜନା ମାଳମାଳ କରି ରାଜସ୍ୱ ହାନି କରାଯାଇଛି, ତାହା ବାସ୍ତବ ଚିତ୍ର ଦେଖିଲେ ସତ୍ୟତା ଜାଣିହେଉଛି । ଯଦି ଏଠାରେ ଏମିତି ଅବସ୍ଥାରେ ରାଜସ୍ୱ ଖତ ଖାଉଛି ତ ତେବେ ଓଡ଼ିଶା ମଧ୍ୟରେ କେତେ ଏମିତି ନଷ୍ଟ ହୋଇ ଖତ ଖାଉଥିବ ତାହା ପ୍ରଶ୍ନବାଚୀ । ଏଥିପ୍ରତି ଜିଲ୍ଲା ପ୍ରଶାସନ ସହ ରାଜ୍ୟ ସରକାର ଦୃଷ୍ଟି ଦେଇ ତୁରନ୍ତ ଦୃଢ଼ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବାଲିଆପାଳ ଶାରୀରିକ ଶିକ୍ଷା କଲେଜରେ ବିବାଦ ଥମୁନି

ବାଲିଆପାଳ/ଲଙ୍ଗଳେଶ୍ୱର, ୭/୮ (ନି.ପ୍ର): ବାଲିଆପାଳ ସ୍ଥିତ ଶାରୀରିକ ଶିକ୍ଷା କଲେଜରେ ଏବେ ବିବାଦ ଥମିବାର ନାଁ ଧରୁ ନାହିଁ। ଅନେକ ଗୁଡିଏ ମାମଲାରେ ଏହି କଲେଜ ଛନ୍ଦିବାର ମୂଳ କାରଣ ହେଉଛି ଗ୍ରୁପିଜିମ । ଏବେ କଲେଜରେ ଦୁଇ ଜଣ ସମାନ୍ତରାଳ ପିନ୍ସିପାଲ ଅଛନ୍ତି । ଗତ ଦୁଇ ତାରିଖ ଦିନ ନୂଆ ଶିକ୍ଷା ବର୍ଷ ପାଇଁ ଛାତ୍ର ଛାତ୍ରୀ ଗ୍ରହଣ କରାଯାଇ ଥାନ୍ତା। ମାତ୍ର ବିବାଦ ଯୋଗୁଁ ତାହାକୁ ଆସନ୍ତା ୧୬ ତାରିଖକୁ ଘୁଞ୍ଚାଇ ଦିଆ ଯାଇଛି। ସରକାର ଓ ବିଶ୍ୱ ବିଦ୍ୟାଳୟ କତୃପକ୍ଷ ସବୁ ଜାଣି ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରୁ ନାହାଁନ୍ତି। ଫଳରେ ପରିସ୍ଥିତି ଦିନ କୁ ଦିନ ବିଗିଡିବାରେ ଲାଗିଛି।ଛାତ୍ରଛାତ୍ରୀ ଙ୍କ ଭବିଷ୍ୟତ ସହିତ ଖେଳ ଖେଳା ଯାଉଛି ବୋଲି ବହୁ ଅଭିଭାବକ ଆପତ୍ତି ଉଠାଇ ଛନ୍ତି। କଲେଜ ପରିଚାଳନା ସମିତି ହାଇ କୋର୍ଟ ନିର୍ଦ୍ଦେଶ ପରେ ନୂଆ ଭାବରେ ଗଠିତ ହେବା କଥା। ମାତ୍ର କଣ ପାଇଁ ଏହା ହେଉ ନାହିଁ ସାଧାରଣରେ ଏହା ଏବେ ପ୍ରଶ୍ନବାଚୀ। ଏନେଇ ବଡ଼ ଧରଣର ଅର୍ଥ କାରବାର ହୋଇଥିବା ଅନୁମାନ କରାଯାଏ। ତେବେ କେଉଁ କାରଣ ପାଇଁ ଗୋଟିଏ ଗୋଷ୍ଠୀ କ୍ଷମତା ଛାଡୁ ନାହାଁନ୍ତି ତାହା ବୁଝା ପଡୁନାହିଁ। ଗୋଟିଏ ଗୋଷ୍ଠୀର ଚାପ ରେ ଅନ୍ୟ ଏକ ଗୋଷ୍ଠୀର ଦୁଇ ଜଣ କର୍ମ ଚାରୀଙ୍କ ଚାରି ମାସର ଦରମା ବନ୍ଦ ହୋଇଛି। ଏହାକୁ କେନ୍ଦ୍ର କରି କର୍ମଚାରୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦରମାରୁ ବଞ୍ଚିତ ଦୁଇ କର୍ମ ଚାରୀ ଏବେ ଆମରଣ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟ ପକ୍ଷରେ ବହୁ ପୂର୍ବରୁ କଲେଜ କତୃପକ୍ଷ କେତେ ଜଣଙ୍କ ବ୍ୟକ୍ତିଗତ ଜାଗାକୁ ଦଖଲରେ ରଖି ଥିବାରୁ ବିବାଦ ବଢିବାକୁ ଲାଗିଛି। କଲେଜ କତୃପକ୍ଷ ଜାଣି କରି କୌଣସି ଆପୋଷ ସମାଧାନ କରୁ ନାହାଁନ୍ତି। ଜାଗା ମାଲିକମାନେ କଲେଜ ଗେଟରେ ଏବେ ତାଲା ପକାଇବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ କୋର୍ଟରେ ମଧ୍ୟ ମାମଲା ଚାଲିଛି। ନୂଆ ଉଚ୍ଚ ଶିକ୍ଷା ମନ୍ତ୍ରୀ ଏଥି ପ୍ରତି ଦୃଷ୍ଟି ଦେବାକୁ ଛାତ୍ର ଅଭିଭାବକ ମାନେ ଦାବି କରିଛନ୍ତି।

## ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା



ବାଲିଆପାଳ/ଲଙ୍ଗଳେଶ୍ୱର, ୭/୮ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଅର୍ଜ୍ଜାଡିହା ପଞ୍ଚାୟତର ଅର୍ଜ୍ଜାଡିହା ଗ୍ରାମରେ ଜନ୍ମେଜୟ ଜେନା ଙ୍କ ସ୍ତ୍ରୀ ସୁଷମା ଜେନା (୩୦) ବୁଧ ବାର କୌଣସି କାରଣ ବସତ ବିଷ ପିଇ ଦେଇଥିଲେ। ପରିବାର ଲୋକ ଜାଣିବା ପରେ ତୁରନ୍ତ ଗୁରୁତର ଅବସ୍ଥାରେ ପ୍ରତାପପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିଛି ସମୟ ପରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଆତ୍ମ ହତ୍ୟା କାରଣ ଜଣାପଡ଼ିନାହିଁ। ପୋଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାଟିର ତଦନ୍ତ ଜାରି ରଖିଥିବାବେଳେ ଶବ ବ୍ୟବଚ୍ଛେଦ ପାଇଁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଛି।

## ଖଇରବଣି ଆଶ୍ରମ ସ୍କୁଲରେ ବିଦ୍ୟାଳୟସ୍ତରୀୟ ଶିକ୍ଷା ସପ୍ତାହ ପାଳିତ




ବେତନଟୀ , ୭/୮ (ନି.ପ୍ର): ୮ବେତନଟୀ ବୈଶିଙ୍ଗା ଉପକଣ୍ଠ ଖଇରବଣି ଆଶ୍ରମ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ଶିକ୍ଷା ସପ୍ତାହ ପାଳିତ ହୋଇ ଯାଇଛି। ସପ୍ତାହ ବ୍ୟାପୀ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସରକାରଙ୍କ ପ୍ରଦତ୍ତ ନିର୍ଦ୍ଦେଶ ଅନୁସାରେ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି , କ୍ରୀଡା ଓ ସାଂସ୍କୃତିକ ଦିବସ ପାଳନ, ଦକ୍ଷତା ଓ ପ୍ରୋତ୍ସାହନ ଦିବସ ପାଳିତ ହୋଇହୋଇଛି । ଚଳିତ ଶିକ୍ଷାବର୍ଷ ନିମନ୍ତେ ନୂତନ ଇକୋ କ୍ଲବ ସଂରଚନା କରାଯାଇ ବୃକ୍ଷ ରୋପଣ କରାଯାଇଛି । ବିଦ୍ୟାଳୟର ବିଭିନ୍ନ ଗଠନ ମୂଳକ କାର୍ଯ୍ୟାବଳୀ ବିଷୟରେ ଅଭିଭାବକ ମାନଙ୍କ ସହ ଆଲୋଚନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟାସଭ୍ୟ , ଶିକ୍ଷୟିତ୍ରୀ ଶିକ୍ଷକ ଓ ମାତାପିତା ସକ୍ରିୟ ଅଂଶ ଗ୍ରହଣ କରିଥିବାରୁ ପ୍ରଧାନ ଶିକ୍ଷୟିତ୍ରୀ ସମସ୍ତଙ୍କୁ ଅଶେଷ ଧନ୍ୟବାଦ ଅର୍ପଣ କରିଥିଲେ। ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ନିମନ୍ତେ ଉଦ୍ଦିଷ୍ଟ ମେଧା ତାଲିକାରେ ଖଇରବଣି ଆଶ୍ରମ ବିଦ୍ୟାଳୟର ଦଶ ଜଣ ଛାତ୍ରୀଛାତ୍ର ସ୍ଥାନ ହାସଲ କରିପାରିଛନ୍ତି। ଏହି ସଫଳତା ପାଇଁ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଦାଶ, ବାରିପଦା ଉପଖଣ୍ଡର ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ ସେଠୀ, ବେତନଟୀ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମଦନ ସିଂ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବାଲେଶ୍ୱର, ୭/୮ (ନି.ପ୍ର): ସହଦେବଖୁଣ୍ଟାସ୍ଥିତ ସହରାଞ୍ଚଳ ହସପିଟାଲରେ ବାଲେଶ୍ୱର ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ଦୀର୍ଘବର୍ଷ କାର୍ଯ୍ୟ କରି ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ପଦବୀରୁ ଚଳିତମାସରୁ ଅବସର ନେଇଥିବା ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ରଙ୍କୁ ସ୍ଥାନୀୟ ଜନଆରୋଗ୍ୟ ସମିତି ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମେଡିକାଲ୍ ଅଫିସର ଡାକ୍ତର ଲମ୍ବୋଦର ବଳ ଏହି ସମ୍ବର୍ଦ୍ଧନା ସଭାରେ ଅଧ୍ୟକ୍ଷତା କରିଥିଲେ। ଜନଆରୋଗ୍ୟ ସମିତିର ସଭାପତି ତଥା କାଉନ୍ସିଲର ଦେବାଶୀଷ ସିଂହ, ବରିଷ୍ଠ ସଦସ୍ୟ ଗୌରାଙ୍ଗ ପାଣିଗ୍ରାହୀ, ଆଇନଜୀବୀ ମନୋଜ ନାୟକ ଓ ସଂଜୟ ଚୌଧୁରୀ, ମହିଳା ପ୍ରତିନିଧି ସରସ୍ୱତୀ ପଣ୍ଡା ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ଡାକ୍ତର ମିଶ୍ର ଜଣେ ସୁଚିକିତ୍ସକ ଓ ଦକ୍ଷ ପ୍ରଶାସନିକ ଅଧିକାରୀ ଭାବେ ସମଗ୍ର ଜିଲ୍ଲାରେ ସୁନାମ ଅର୍ଜନ କରିଥିବାର ପ୍ରକାଶ କରିଥିଲେ। ସହଦେବଖୁଣ୍ଟା ଚିକିତ୍ସାଳୟକୁ ଏକନମ୍ବର କରିବାରେ ସେ ସମସ୍ତ ପ୍ରକାର ସହଯୋଗ ଏବଂ ପରାମର୍ଶ ପ୍ରଦାନ କରିଆସିଛନ୍ତି। ବିଦାୟ ସମ୍ବର୍ଦ୍ଧନାର ପ୍ରତିଉତ୍ତରରେ ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ର କହିଥିଲେ ଯେ, ସେ ସରକାରୀ ଚାକିରିରୁ ଅବସର ନେଲେବି, ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବାରେ ଏବଂ ସମାଜସେବା କାର୍ଯ୍ୟରେ ସହଯୋଗ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସହକାରୀ ପ୍ରୋଗ୍ରାମ ମ୍ୟାନେଜର ଶାଶ୍ୱତୀ ମହାପାତ୍ରଙ୍କ ସମେତ ସହଦେବଖୁଣ୍ଟା ଚିକିତ୍ସାଳୟର ସମସ୍ତ ସ୍ୱାସ୍ଥ୍ୟକର୍ମୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ପୁନର୍ଉ ।ନ ସଂସ୍ଥାର ପ୍ରୋଗ୍ରାମ କୋଡ଼ିନେଟର ପରମେଶ୍ୱର ବାରିକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ପାଣିକୋଇଲି କଲେଜରେ ଶ୍ରମ ବିଭାଗର ଚଢାଉ

କୋରେଇ, ୭/୮ (ନି.ପ୍ର): ଭାରତ ସରକାରଙ୍କ ଶ୍ରମ ଏବଂ ରୋଜଗାର ମନ୍ତ୍ରଣାଳୟ ଅନ୍ତର୍ଗତ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି କାର୍ଯ୍ୟ କରୁଛି। ଏହି ଆଇନ ଅନୁସାରେ ସଂସ୍ଥାରେ କାର୍ଯ୍ୟରତ କର୍ମଚାରୀ ଓ ସଂସ୍ଥା ପକ୍ଷରୁ ଉଭୟ ଉକ୍ତ କର୍ମଚାରୀଙ୍କ ଭବିଷ୍ୟତ ନିମନ୍ତେ ମାସିକ ଅର୍ଥ ଜମା କରିବେ । ଏହା ପ୍ରତ୍ୟେକ କର୍ମଚାରୀଙ୍କ ଅଧିକାର ଓ ବାଧ୍ୟତା ମୂଳକ। ତେବେ ଉକ୍ତ ପାଣ୍ଠିରେ ଅନିୟମିତତା ଅଭିଯୋଗ ପାଇ ପାଣିକୋଇଲିସ୍ଥିତ ମା ତାରିଣୀ ମହାବିଦ୍ୟାଳୟ( ଉଚ୍ଚ ମାଧ୍ୟମିକ ଓ ସ୍ନାତକ ମହାବିଦ୍ୟାଳୟ)ର ବୁଧବାର ଦିନ ଶ୍ରମ ବିଭାଗର ଚଢାଉ ଜାରି ରହିଛି। କଲେଜର ଉଭୟ +୨ ଓ +୩ ବିଭାଗରେ କାର୍ଯ୍ୟରତ ଥିବା ୪୩ ଜଣ ଅଧ୍ୟାପକ ଓ ଅଧ୍ୟାପିକା ମାନଙ୍କ ସହିତ ସମସ୍ତ କର୍ମଚାରୀ ମାନଙ୍କର (ଇପିଏଫ) କର୍ମଚାରୀ ବୀମାରେ ଆର୍ଥିକ ଅନିୟମିତତାର ଖୋଳତାଡ଼ କରୁଛି ଜିଲ୍ଲା ଶ୍ରମ ବିଭାଗ। ପ୍ରକାଶ ଥାଉକି ୧୯୯୦ ମସିହାରେ ପ୍ରତିଷ୍ଠା ହୋଇଥିବା ଉକ୍ତ ମହାବିଦ୍ୟାୟଟି ୧୯୯୪ ମସିହାରେ ପଞ୍ଜୀକୃତ ହୋଇଥିଲା। ରାଜ୍ୟ ଶ୍ରମ ବିଭାଗର ନିର୍ଦ୍ଦେଶ କ୍ରମେ ଜିଲ୍ଲାର ଧର୍ମଶାଳା ଶ୍ରମ କାର୍ଯ୍ୟାଳୟର ଅତିରିକ୍ତ ଶ୍ରମ ଅଧିକାରୀ ସୋମ୍ୟ ରଞ୍ଜନ ବେହେରା ଓ ଦଶରଥପୁର ଶ୍ରମ ବିଭାଗ କାର୍ଯ୍ୟାଳୟର ଅତିରିକ୍ତ ଶ୍ରମ ଅଧିକାରୀ ରଚନା ସେଠୀ ଭାଗ ନେଇଥିଲେ। ତେବେ ମହାବିଦ୍ୟାଳୟର ଉଭୟ (+୨ଓ +୩) ବିଭାଗର ସମସ୍ତ କର୍ମଚାରୀ ମାନେ ଦିର୍ଘଦିନ ଧରି କର୍ମଚାରୀ ମାନେ ଉକ୍ତ ଚଢାଉକୁ ନେଇ ବିଭାଗୀୟ ଅଧିକାରୀ ମାନଙ୍କ ନିକଟରେ ଅଭିଯୋଗ କରିଥିବାର ଜଣାପଡ଼ିଛି ।

## ପେଟ୍ରୋଲ-ଡିଜେଲ ମୂଲ୍ୟ ଅପରିବର୍ତ୍ତିତ: ଅଶୋଧିତ ତୈଳଦର ବ୍ୟାରେଲ ପିଛା ୭୭ ଡଲାର

ନୂଆଦିଲ୍ଲୀ, ୭/୮ : ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳଦର ଅପରିବର୍ତ୍ତିତ ରହିଛି । ଅଶୋଧିତ ବ୍ରେଂଟ ମୂଲ୍ୟ ବ୍ୟାରେଲ ପିଛା ୭୭ ଡଲାର ହୋଇଥିବା ବେଳେ ଅଶୋଧିତ ଡବ୍ଲୁଟିଆଇ ୭୪ ଡଲାର ରହିଛି। ତେବେ ସାର୍ବଜନୀନ କ୍ଷେତ୍ରରେ ତୈଳ ଓ ଗ୍ୟାସ ବିପଣନ କମ୍ପାନୀ ପେଟ୍ରୋଲ-ଡିଜେଲ ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ। ଇଣ୍ଡିଆନ ଅଏଲର ୱେବସାଇଟ୍ ମୁତାବକ ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ମୂଲ୍ୟ ୯୪.୭୨ଟଙ୍କା ଥିବା ବେଳେ ଡିଜେଲ ମୂଲ୍ୟ ୮୭.୬୨ ଟଙ୍କା ରହିଛି । ମୁମ୍ବାଇରେ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୧୦୩.୪୪ଟଙ୍କା ଥିବା ବେଳେ ଡିଜେଲ ୮୯.୯୭ଟଙ୍କା ରହିଛି । କୋଲକାତାରେ ପେଟ୍ରୋଲ ମୂଲ୍ୟ ୧୦୪.୯୫ ଟଙ୍କା ରହିଥିବା ବେଳେ ଡିଜେଲ ମୂଲ୍ୟ ୯୧.୭୬ ଟଙ୍କା, ଚେନ୍ନାଇରେ ପେଟ୍ରୋଲ ମୂଲ୍ୟ ୧୦୦.୭୫ଟଙ୍କା ଥିବା ବେଳେ ଡିଜେଲ ମୂଲ୍ୟ ୯୨.୩୪ଟଙ୍କା ରହିଛି ।

## ଜେ.ଏସ.ଡବ୍ଲ୍ୟୁ ଗ୍ରୁପର ପ୍ରତିଷ୍ଠାତା ସ୍ୱର୍ଗତ ଓପି ଜିନ୍ଦଲଙ୍କ ୯୪ ତମ ଜୟନ୍ତୀ ପାଳିତ




ପାରାଦୀପ, ୭/୮ (ନି.ପ୍ର): ପାରାଦୀପ ପ ଜେ.ଏସ.ଡବ୍ଲୁ ଗ୍ରୁପର ପ୍ରତିଷ୍ଠାତା ଓ ପି ଜିନ୍ଦଲଙ୍କର ଆଜି ୯୪ ତମ ଜନ୍ମତିଥି ପାରାଦ୍ୱୀପ କାର୍ଯ୍ୟାଳୟ ପରିସରରେ ପାଳନ କରାଯାଇଛି। ଏହି ଅବସରରେ ଜେ.ଏସ.ଡବ୍ଲୁ.ର ବରିଷ୍ଠ ଅଧିକାରୀ ଧନଞ୍ଜୟ ସିହ୍ନା, ନିର୍ମଳେନ୍ଦୁ ପୁରୋହିତଙ୍କ ସହିତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ମାନେ ସ୍ୱର୍ଗତ ଓ ପି ଜିନ୍ଦଲଙ୍କ ଫଟୋଚିତ୍ରରେ ପୁଷ୍ପ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ୧୯୩୦ ମସିହାରେ ଜନ୍ମ ଗ୍ରହଣ କରିଥିବା ଓ ପି ଜିନ୍ଦଲ ସାରା ଭାରତ ବର୍ଷରେ ଇସ୍ପାତ ଶିଳ୍ପ ଜଗତର ଜଣେ ଜଣାଶୁଣା ବ୍ୟକ୍ତିତ୍ୱ। ତାଙ୍କର ସେହି ଯୁଗାନ୍ତକାରୀ ପଦକ୍ଷେପ ପାଇଁ ଆଜି ଜିନ୍ଦଲ ଗ୍ରୁପ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିପାରିଛି। ଏହି ଅବସରରେ ଜେ.ଏସ.ଡବ୍ଲୁ ଉତ୍କଳ ଷ୍ଟିଲର ସ୍ଥାନୀୟ ପାରାଦୀପ ସ୍ଥିତ ଜଟାଧାର ଭବନ କାର୍ଯ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଏହି ଅବସରରେ ଜେ.ଏସ.ଡବ୍ଲୁ ଫାଉଣ୍ଡେସନ ପକ୍ଷରୁ ନେହେରୁ ବଙ୍ଗଳା ସ୍ଥିତ ପାରାଦ୍ୱୀପ ପ୍ରାଇଭେଟ ଲିମିଟେଡ଼ ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରେ ୧୦୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

## ଧର୍ମ ପ୍ରଣାୟଣା ମହିଳାଙ୍କ ମତ୍ୟୁ

ବସ୍ତା୭।୮(ନିପ୍ର) ବସ୍ତା ବ୍ଲକ ଅନ୍ତର୍ଗତ କୁଶୁଡିହା ଗ୍ରାମର ରଙ୍ଗଲତା ମଣ୍ଡଳ ବୟସ (୯୫)ବୁଧବାର ସକାଳେ ହଠାତ ମୃତ୍ୟୁ ଘଟିଛି । ସେ ଜଣେ ପରୋଉପକାରୀ ମିଷ୍ଟଭାଷି ଓ ଧାର୍ମପରାୟଣ ମହିଳାଭାବେ ଅଞ୍ଚଳରେ ପରିଚିତଥିଲେ । ତାଙ୍କ ଦେହାନ୍ତ ଖବର ପ୍ରଚାରିତ ହେବାପରେ ବିଜେପିର ବରିଷ୍ଠନେତା ଶ୍ୟାମା ପ୍ରସାଦ ବେହେରା ସ୍ଥାନୀୟ ଯୁବନେତା ମଣ୍ଟୁ ବେହେରା ସାମ୍ବାଦିକ ସୁଶାନ୍ତ ପ୍ରଧାନ ରବିଶଙ୍କର ବେହେରା ସମେତ ବହୁ ମାନ୍ୟଗନ୍ୟ ବ୍ୟକ୍ତି ପହଞ୍ଚି ଶେଷଦର୍ଶନ କରିବା ସହିତ ପରିବାରକୁ ସମବେଦନା ଦେଇଥିଲେ ।

## ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଭଦ୍ରକଙ୍କ ତରଫରୁ ସଚେତନତା କାର୍ଯ୍ୟକ୍ରମ




ଭଦ୍ରକ , ୭/୮ (ନି.ପ୍ର): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଭଦ୍ରକ ଅଧ୍ୟକ୍ଷ ସଂଗ୍ରାମକେଶରୀ ନାୟକଙ୍କ ନିର୍ଦ୍ଦେଶ କ୍ରମେ ମଲିକ ସାହି ସରକାରୀ ଉଚ୍ଚ ବିଦ୍ୟାଳୟ, ବରାଳପୋଖରୀ, ଚରମ୍ପା ଠାରେ ନାମଲେଖା ଓ ଅଧାରୁ ପଢ଼ା ଛାଡୁଥିବା ପିଲାମାନଙ୍କ ନିମିତ୍ତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମକୁ ନେହା ଅଗ୍ରୱାଲ, ସଚିବ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକ ପରିଚାଳନା କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ତାପସ ରଞ୍ଜନ ବେହେରା, ପ୍ରଧାନ ଶିକ୍ଷକ, ଜିଲ୍ଲା ସ୍କୁଲ, ବିଦ୍ୟାଳୟ, ଉମେଶ ଚନ୍ଦ୍ର ମାଝି, ପ୍ରଧାନ ଶିକ୍ଷକ, ଚଣ୍ଡିଗାଁ ହାଇସ୍କୁଲ, ବିଦ୍ୟାଳୟ, ଚରମ୍ପା, ଭଦ୍ରକ ଏଲ୍.ଏ.ଡ଼ି.ଏସ୍.ସି.ର ଡ଼େପୁଟି ମୋଜାହିଦ ଅକତାର ଖାନ ଏବଂ ଡଃ ତାପସ କୁମାର ମହାନ୍ତି, ସହାୟକ ଏଲ୍.ଏ.ଡ଼ି.ଏସ୍.ସି., ଭଦ୍ରକ, ଶଶଧର ମହନୀ, ଅବସରପ୍ରାପ୍ତ ଶିକ୍ଷକ, ପାରାଲିଗାଲ ସ୍ୱେଚ୍ଛା ସେବୀମାନେ ଅର୍ଣ୍ଣପୂର୍ଣ୍ଣା ସାହୁ, ପ୍ରମିଳା ପ୍ରଧାନ, ହୃଦାନନ୍ଦ ସ୍ୱାଇଁ, ସସ୍ମିତା ବାରିକ, ସଂଗୀତା ମିଶ୍ର ଚାରୁଲତା ବେହେରା, ମଧୁସ୍ମିତା ମଲ୍ଲିକ ପ୍ରମୁଖ ଯୋଗଦେଇ ଏହି ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଅଧାରୁ ପଢ଼ା ଛାଡୁଥିବା ପିଲାମାନଙ୍କୁ କିପରି ସ୍କୁଲ ଅଭିମୁଖୀ କରାଇବା ସଂଗେ ସଂଗେ ସେମାନଙ୍କର ଅଭିଭାବକ ମାନଙ୍କୁ ମଧ୍ୟ ସଚେତନ କରାଇ ପିଲାମାନଙ୍କୁ ପାଠପଢ଼ାଇ ଏବଂ ଆଗକୁ ଭଲ ରାସ୍ତାରେ ନେବାକୁ ପରାମର୍ଶ ଦେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମଚାରୀ ଯୋଗ ଦେଇଥିଲେ। ଏହିଭଳି ୮୦ ରୁ ଉର୍ଦ୍ଧ୍ୱ ଅଭିଭାବକ ତଥା ଛାତ୍ରଛାତ୍ରୀ ମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

## ବରିଷ୍ଠ ପ୍ରଶାସକ ସ୍ୱର୍ଗତ ଅରୁଣ କୁମାର ସାମନ୍ତରାୟଙ୍କର ୭୪ ତମ ଜୟନ୍ତୀ ପାଳିତ




ବାରିପଦା, ୭/୮ (ନି.ପ୍ର): ଉତ୍କଳ ବିକାଶ ପରିଷଦ ମୟୂରଭଞ୍ଜ ଶାଖା ତରଫରୁ ବରିଷ୍ଠ ପ୍ରଶାସକ, ଉତ୍କଳ ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ଓ ଉତ୍କଳ ବିକାଶ ପରିଷଦ ର ପ୍ରାଣ ପ୍ରତିଷ୍ଠାତା ଆଜୀବନ ସଭାପତି ଅରୁଣ କୁମାର ସାମନ୍ତରାୟ ଙ୍କର ୭୪ ତମ ଜୟନ୍ତୀ ସଭାପତି ଶରତ ନାୟକ ଙ୍କ ସଭାପତିତ୍ୱ ରେ ମୟୂରଭଞ୍ଜ ହାୟର ସେକେଣ୍ଡାରୀ ସ୍କୁଲ ର ସମ୍ମିଳନୀ କକ୍ଷ ରେ ପାଳିତ ହୋଇଯାଇଛି। ବାଙ୍ଗିରିପୋଷିସ୍ଥିତ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟ ର ଅଧକ୍ଷା ଡ଼. ପୁଷ୍ପା ରାଣୀପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅରୁଣ କୁମାର ସାମନ୍ତରାୟ ଉତ୍କଳ ବିଶ୍ୱ ବିଦ୍ୟାଳୟ ରେ କୁଳପତି ଥିବା ସମୟ ରେ ଶିକ୍ଷା କ୍ଷେତ୍ର ରେ ବୈପ୍ଳବିକ ପରିବର୍ତ୍ତନ କରିଥିଲେ ତାହା ଉଲ୍ଲେଖନୀୟ, ଯାହା ଫଳରେ ଓଡ଼ିଶା ରେ ସବୁ ମହାବିଦ୍ୟାଳୟ ମାନେ ସ୍ଥାୟୀ ସ୍ୱୀକୃତି ପାଇବା ସହଜ ହୋଇଥିଲା ବୋଲି ଡ଼. ପାତ୍ର ମତ ରଖିଥିଲେ। ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟେନ୍ସି ଆଣ୍ଡ ମ୍ୟାନେଜମେଣ୍ଟ ର ଅଧକ୍ଷ ପ୍ରଦୀପ କୁମାର ନାୟକ ମୁଖ୍ୟ ବ୍ୟକ୍ତା ଭାବେ ଯୋଗଦେଇ ଉତ୍କଳ ବିକାଶ ପରିଷଦ ଗଠନ ଓ କାର୍ଯ୍ୟକ୍ଷମ କରିବାରେ ଅରୁଣ ସାମନ୍ତରାୟ ଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ। ଅରୁଣ ସାମନ୍ତରାୟ ଙ୍କର ପିତା ପୂର୍ବତନ ସର୍ବଭାରତୀୟ ବରିଷ୍ଠ ପ୍ରଶାସକ ପ୍ୟାରିମୋହନ ମହାପାତ୍ର ଅରୁଣ ସାମନ୍ତରାୟ ଙ୍କୁ ଗରିବ ଖଟିଖିଆ ଲୋକମାନଙ୍କ ପାଇଁ କାର୍ଯ୍ୟ କରିବାକୁ ପ୍ରେରଣା ଦେଇଥିଲେ। ତେଣୁ ଅରୁଣ ସାମନ୍ତରାୟ ଉତ୍କଳ ବିକାଶ ପରିଷଦ ମାଧ୍ୟମରେ ଖଣ୍ଡାୟତ, କ୍ଷତ୍ରିୟ, ଚାଷୀ ଓ ପଛୁଆ ବର୍ଗ ର ଲୋକଙ୍କୁ ଏକତ୍ରିତ କରିବା ପାଇଁ ଶେଷ ପର୍ଯ୍ୟନ୍ତ ଚେଷ୍ଟା କରିଥିଲେ ବୋଲି ଉତ୍କଳ ବିକାଶ ପରିଷଦ ମୟୂରଭଞ୍ଜ ଶାଖା ସଭାପତି ଶରତ ନାୟକ ତାଙ୍କ ବ୍ୟକ୍ତବ ରେ କହିଥିଲେ। ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟେନସି ଆଣ୍ଡ ମ୍ୟାନେଜମେଣ୍ଟ ର ଉପାଧକ୍ଷା ସଂଘମିତ୍ରା ରାଉତ ଅଧାପିକା ଦେବଶ୍ରିତା ବିଶ୍ୱାଳ ଓ ସୁଜାତା ପାଲ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଶେଷରେ ଉତ୍କଳ ବିକାଶ ପରିଷଦ ମୟୂରଭଞ୍ଜ ଶାଖା ଉପସଭାପତି ସୁକାନ୍ତ କୁମାର ଜିଉ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ରୋଗ ପ୍ରତିରୋଧକ ଶକ୍ତି ପାଇଁ ମା' କ୍ଷୀରର ବିକଳ୍ପ ନାହିଁ : ସୁବାଷ ପଣ୍ଡା

ଉଦଳା , ୭/୮ (ନି.ପ୍ର): ସ୍ତନ୍ୟ ପାନ ସପ୍ତାହ ପାଳନ ଅବସରରେ ରୋଟାରି କ୍ଲବ ଉଦଳା ତରଫରୁ ଚଳିତ ଅଗଷ୍ଟ ୬ ତାରିଖ ମଙ୍ଗଳବାର ଦିନ ଉଦଳା ଏନ୍ଏସିର ୱାର୍ଡ଼ ନଂ-୧୨ସ୍ଥିତ ଅଙ୍ଗନୱାଡ଼ି କେନ୍ଦ୍ର ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଉଦଳା ରୋଟାରି କ୍ଲବର ପୁର୍ବତନ ସଭାପତି ଅଶୋକ ମହାନ୍ତି , ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ତରଫରୁ ଅଗଷ୍ଟ ମାସ ୧ ତାରିଖ ଠାରୁ ୭ ତାରିଖ ପର୍ଯ୍ୟନ୍ତ ଏକ ସପ୍ତାହ ବ୍ୟାପି ପ୍ରତିବର୍ଷ ସମଗ୍ର ପୃଥିବୀରେ ସ୍ତନ୍ୟପାନ ସମ୍ପର୍କିତ ସଚେତନତାର ବାର୍ତା ବଂଟାଯିବା ସହିତ ଏହାର ଆବଶ୍ୟକତା ସମ୍ପର୍କରେ ପ୍ରାରମ୍ଭରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ଏହାପରେ କ୍ଲବର ସଭାପତି ପ୍ରହ୍ଲାଦ ଦାସଙ୍କ ଅଧ୍ୟକ୍ଷତାରେ ଆଲୋଚନା ଚକ୍ର ଆରମ୍ଭ ହୋଇଥିଲା । ଏଥିରେ ଉଦଳା ରୋଟାରି କ୍ଲବର ପ୍ରତିଷ୍ଠାତା ଇଂ. ସୁବାଷ ପଣ୍ଡା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ମା' କ୍ଷୀରର ବିକଳ୍ପ ନାହିଁ, ତେଣୁ ମା' କ୍ଷୀରକୁ ଅମୃତ ସମାନ କୁହାଯାଏ ବୋଲି ବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କ୍ଲବର ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ବ୍ରହ୍ମାନନ୍ଦ ନାୟକ, ଅଜୟ ବେହେରା, ପ୍ରଶାନ୍ତ ସେନ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ଶିଶୁର ପ୍ରଥମ ୬ ମାସ ପର୍ଯ୍ୟନ୍ତ କେବଳ ମା' କ୍ଷୀରର ଆବଶ୍ୟକତା ପଡ଼ିଥାଏ । ମା' କ୍ଷୀରରେ ଥିବା ଔଷଧୀ ଗୁଣ ଯୋଗୁଁ ପିଲାର ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ , ଫଳରେ ପିଲା ନିରୋଗ ରହିଥାଏ ବୋଲି ବ୍ୟକ୍ତ କରିଥିଲେ । ଆମ ଦେଶରେ ମା'କ୍ଷୀର ନପାଇ ଜନ୍ମର ୬ ମାସ ମଧ୍ୟରେ ପ୍ରତିବର୍ଷ ପ୍ରାୟ ୧ ଲକ୍ଷ ଶିଶୁ ଝାଡ଼ା ଓ ନିମୋନିଆ ରୋଗଗ୍ରସ୍ତ ହୋଇ ଅକାଳ ମୃତ୍ୟୁବରଣ କରୁଛନ୍ତି ବୋଲି ଜଣାଇଥିଲେ । ଏହାପରେ ଏଠାରେ କାର୍ଯ୍ୟରତ ଅଙ୍ଗନୱାଡ଼ି କର୍ମୀ ଓ ଆଶା ଦିଦି ସ୍ତନ୍ୟପାନର କୌଶଳ ଓ ପିଲା ଆତ୍ମତୃପ୍ତି ପାଉଛି କି ନାହିଁ ଜାଣିବାର ଉପାୟ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ । କ୍ଲବର ସଂପାଦକ ଚିତ ରଂଜନ ବାରିକ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପସଭାପତି ସୁଦର୍ଶନ ପ୍ରଧାନ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

## ପ୍ରଥମ ଥର ପାଇଁ ୫୮.୫୭ ଲକ୍ଷ ଟିକସଦାତା ଆୟକର ରିଟର୍ଣ୍ଣ ଦାଖଲ କଲେ: ସୀତାରମଣ

ନୂଆଦିଲ୍ଲୀ, ୭/୮ : କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବୁଧବାର କହିଛନ୍ତି ଯେ ପ୍ରଥମ ଥର ପାଇଁ ୫୮.୫୭ ଲକ୍ଷ ଟିକସଦାତା ଆୟକର ରିଟର୍ଣ୍ଣ (ଆଇଟିଆର) ଦାଖଲ କରିଛନ୍ତି। ଏହା ବଢୁଥିବା ଟିକସ ଦାଖଲ ଆଧାରର ପ୍ରମାଣ । ଅର୍ଥମନ୍ତ୍ରୀ କହିଛନ୍ତି ଯେ ଟ୍ୟାକ୍ସ ରିଟର୍ଣ୍ଣ ଦାଖଲ କରିବାକୁ ଉତ୍ସାହିତ କରିବା ପାଇଁ ବିଭିନ୍ନ ପଦକ୍ଷେପ ଯୋଗୁଁ ଏହି ପରିବର୍ତନ ଆସିଛି। ଲୋକସଭାରେ ଫାଇନାନ୍ସ ବିଲ୍ ୨୦୨୪ ଉପରେ ହୋଇଥିବା ଆଲୋଚନାକୁ ସୀତାରମଣ ଜବାବ ଦେଇଛନ୍ତି। ଅର୍ଥମନ୍ତ୍ରୀ ୨୦୨୩ ମସିହାରେ ବ୍ୟକ୍ତିଗତ ଆୟକର ସ୍ଲାବର ପୂର୍ବ ସଂଶୋଧନକୁ ଆଲୋକିତ କରିଥିବାବେଳେ ମଧ୍ୟବିତଙ୍କ କଲ୍ୟାଣ ପାଇଁ ନିଆଯାଇଥିବା ପଦକ୍ଷେପ ବିଷୟରେ ବର୍ଣ୍ଣନା କରିଥିଲେ। ସେ କହିଛନ୍ତି ଯେ ସ୍ଲାବଗୁଡିକ 'ଉଦାରବାଦୀ' କରାଯାଇଛି, ଫଳସ୍ୱରୂପ ସମସ୍ତ ଟିକସଦାତା ୩୭,୫୦୦ ଟଙ୍କା ହ୍ରାସ କରି ଟିକସ ଦାୟିତ୍ୱର ଲାଭ ପାଇଛନ୍ତି। ନିମ୍ନରେ ଥିବା ସ୍ଲାବରେ ପୁଣିଥରେ ପରିବର୍ତନ କରାଯାଇଛି । ସେ କହିଛନ୍ତି ଯେ ୨୦୨୩ ମସିହାରେ ୧୫ ଲକ୍ଷ ଟଙ୍କା ଆୟ ଉପରେ ପ୍ରଭାବଶାଳୀ ଟିକସକୁ ୧୦ ପ୍ରତିଶତକୁ ହ୍ରାସ କରାଯାଇଛି, ଯାହାକି ଚଳିତ ବର୍ଷ ୨୦୨୪ ରେ ହ୍ରାସ କରାଯାଇଛି। ସେ କହିଛନ୍ତି ଯେ ଏହି ବଜେଟରେ ବେତନ ପ୍ରାପ୍ତ କର୍ମଚାରୀଙ୍କ ମାନଙ୍କୁ ରିହାତି ମଧ୍ୟ ୫୦ ହଜାରରୁ ୭୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ବେତନ ପ୍ରାପ୍ତ କର୍ମଚାରୀଙ୍କ ପାଇଁ ଏହା ୧୭୫୦୦ ଟଙ୍କା ପର୍ଯ୍ୟନ୍ତ ଏକ ପ୍ରଭାବଶାଳୀ ଲାଭ । ଲୋକସଭାରେ ଅର୍ଥ ବିଲ୍ ଉପରେ ହୋଇଥିବା ଆଲୋଚନାର ଉତରରେ ଅର୍ଥମନ୍ତ୍ରୀ ସୀତାରମଣ ଗୃହକୁ କହିଛନ୍ତି ଯେ ଆନ୍ତର୍ଜାତୀୟ ବାଣିଜ୍ୟକୁ ସୁଗମ କରିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ପ୍ରୟାସ ଘରୋଇ ଉତ୍ପାଦନକୁ ବୃଦ୍ଧି କରିବ ଏବଂ ରପ୍ତାନି ପ୍ରତିଯୋଗିତା ବୃଦ୍ଧି କରିବ । ସେ ଗୃହକୁ କହିଛନ୍ତି ଯେ କୋଭିଡ -୧୯ ର ଖର୍ଚ୍ଚ ପୂରଣ ପାଇଁ ଟିକସ ବୃଦ୍ଧି ନକରିବାକୁ ପ୍ରଧାନମନ୍ତ୍ରୀ ମୋଦୀ ନିର୍ଦ୍ଦେଶ ଦେଇଛନ୍ତି।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078**

❐ Managing & Executive Editor : Srustidhar Parida
❐ Editor: Sairindhree Sahoo